

ଟିପ୍ପଣୀ

# ୪୦

# ପରୋକ୍ଷ କର

ସରକାର ତାଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ବହୁ ପ୍ରକାରର କାର୍ଯ୍ୟ କରନ୍ତ. ଯେପରି ଭିତ୍ତିଭୂମି ବା ଇନ୍‌ଫ୍ରାଷ୍ଟ୍ରଂକଚର୍‌ର ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ଦେଶର ପ୍ରତିରକ୍ଷା, ଗରିବୀ ଦୂରୀକରଣ, ଆଇନଶୃଙ୍ଖଳା ରକ୍ଷା ଇତ୍ୟାଦି । ଏହିଭଳି ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ବଡଧରଣର ପୁଞ୍ଜିର ଆବଶ୍ୟକତା ଥାଏ । ପ୍ରଶ୍ନ ଉଠେ, ଏହି ସମସ୍ତ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ କରିବା ଏବଂ ଦେଶର ବିକାଶ କରିବା ପାଇଁ ସରକାର ଏତେ ଅର୍ଥ ପାଆନ୍ତି କେଉଁଠୁ ? ସରକାର ଜନସାଧାରଣଙ୍କ ଠାରୁ ବିଭିନ୍ନ ମାଧ୍ୟମରେ ଅର୍ଥ ସଂଗ୍ରହ କରନ୍ତି, ଅର୍ଥାତ୍ ଫିସ୍, ଜୋରିମାନା, ଅତିରିକ୍ତ ଦେୟ ବା ସର୍ଚାଜ ଏବଂ କର ମାଧ୍ୟମରେ ଏହି ଅର୍ଥ ସଂଗ୍ରହ କରନ୍ତି । ବିଭିନ୍ନ ପ୍ରକାର କର ବିଷୟରେ ଏହି ଅଧ୍ୟାୟରେ ପରେ ପଢିବା । ଏମାନଙ୍କ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି କର ବସାଇବା । ଏହି ଅଧ୍ୟାୟରେ ଆମେ ବିଭିନ୍ନ ପ୍ରକାରର ପରୋକ୍ଷ କର ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢିସାରିବା ପରେ, ତୁମେ

- ସରକାରଙ୍କ ରାଜସ୍ୱର ଉତ୍ସ ବିଷୟରେ ତୁମେ ନିଜକୁ ପରିଚିତ କରିବ;
- ପ୍ରତ୍ୟକ୍ଷ ଏବଂ ପରୋକ୍ଷ କରର ସଂଜ୍ଞାକରଣ କରିପାରିବ;
- ପ୍ରତ୍ୟକ୍ଷ ଏବଂ ପରୋକ୍ଷ କର ଭିତରେ ପ୍ରଭେଦ ଜାଣିପାରିବ;
- ପ୍ରତ୍ୟକ୍ଷ ଏବଂ ପରୋକ୍ଷ କରର ଭଲ ଦିଗ ଏବଂ ମନ୍ଦ ଦିଗର ବର୍ଣ୍ଣନା କରିପାରିବ;
- ପ୍ରତ୍ୟକ୍ଷ ଏବଂ ପରୋକ୍ଷ କରର ଉତ୍ସ ଗୁଡିକର ଗଣନା କରିପାରିବ;
- ବିଭିନ୍ନ ପ୍ରକାରର ପରୋକ୍ଷ କର ଯଥା ଏକ୍ସାଇଜ୍ ଟ୍ୟାକ୍ସ, କଷ୍ଟମ୍‌ସ୍ ଡିଉଟି (ଆମଦାନୀ ଓ ରପ୍ତାନୀ), ଉତ୍ପାଦନ କର (Production Linked tax), ଏବଂ ଭାଲ୍ୟୁ ଆଡେଡ୍ ଟ୍ୟାକ୍ସ (VAT) ର ସଂଜ୍ଞାପ୍ରକରଣ କରିପାରିବ;
- ବିକ୍ରିକର ଏବଂ ମୂଲ୍ୟଯୁକ୍ତ କର ମଧ୍ୟରେ ପ୍ରଭେଦ ଜାଣିବ ।

## ପ୍ରତ୍ୟାଶିତ ପୂର୍ବଜ୍ଞାନ

- ଶତକଡା ଏବଂ ଏହାର ପ୍ରୟୋଗର ଧାରଣା

## 40.1 ରାଜସ୍ୱର ଉତ୍ସ (Sources of Revenue)

ଆମେ ଜାଣିଛେ ଯେ, ସରକାର ସମାଜ କଲ୍ୟାଣ ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟ କରନ୍ତି ଯେଉଁଥିପାଇଁ ସରକାରଙ୍କୁ ରାଜସ୍ୱର ଆବଶ୍ୟକତା ପଡେ । ସରକାରଙ୍କର ସମସ୍ତ ଉତ୍ସରୁ ମିଳୁଥିବା ଆୟକୁ ସାର୍ବଜନୀନ ଆୟ ବା ସାର୍ବଜନୀନ ରାଜସ୍ୱ କୁହାଯାଏ । ବିଭିନ୍ନ କର ମାନଙ୍କରୁ ମିଳୁଥିବା ଆୟ, ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ଯୋଗାଉଥିବା ଦ୍ରବ୍ୟ ଏବଂ ସେବାରୁ ମିଳୁଥିବା ଆୟ,





ପ୍ରଶାସନିକ କାର୍ଯ୍ୟରୁ ମିଳୁଥିବା ରାଜସ୍ୱ ଯେପରି ଫିସ୍, ଜୋରିମାନା ଆଦି, ଉପହାର ଏବଂ ଅନୁଦାନ ପ୍ରଭୃତି ସାର୍ବଜନୀନ ରାଜସ୍ୱର ଅର୍ନ୍ତଭୁକ୍ତ ଅଟେ । ଯେତେବେଳେ ସରକାରଙ୍କର ସମସ୍ତ ଆୟ ଯାହା ଏକ ନିର୍ଦ୍ଦିଷ୍ଟ ସମୟରେ ମିଳେ, ତାକୁ ସାର୍ବଜନୀନ ପ୍ରାପ୍ତି ଅର୍ନ୍ତଭୁକ୍ତ କରାଯାଏ । ଅର୍ଥାତ୍ ସାର୍ବଜନୀନ ପ୍ରାପ୍ତି = ସାର୍ବଜନୀନ ରାଜସ୍ୱ + ଅନ୍ୟ ଉତ୍ସ ମାନଙ୍କରୁ ମିଳୁଥିବା ସମସ୍ତ ଆୟ, ଯଥା ସାଧାରଣ ବ୍ୟକ୍ତି ଅନ୍ୟ ବ୍ୟକ୍ତି ବା ବ୍ୟାଙ୍କରୁ କରୁଥିବା କରଜ ଏବଂ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍‌ରୁ ମିଳୁଥିବା ଆୟ । ସ୍ଥାନୀୟ ସଂସ୍ଥା ଯଥା ମ୍ୟୁନିସ୍‌ପାଲ କର୍ପୋରେସନ୍, ମ୍ୟୁନିସପାଲ କମିଟି, ସହର ପଞ୍ଚାୟତ, କ୍ୟାଣ୍ଟନମେଣ୍ଟ ବୋର୍ଡ ଆଦି ମଧ୍ୟ କର ନିଅନ୍ତି ଯେପରି ସମ୍ପତ୍ତି କର, ବୃତ୍ତି କର, ଅକ୍‌ଟ୍ରାଇ, ଶିକ୍ଷା ଉପରେ କର ଇତ୍ୟାଦି ।

ତେଣୁ, କର ହେଉଛି ଦେଶର ନାଗରିକ ମାନଙ୍କ ଦ୍ୱାରା ଦିଆଯାଉଥିବା ଅର୍ଥ ଯାହା ଦେଶର ବିକାଶ ଏବଂ ଖର୍ଚ୍ଚ ପାଇଁ ବିନିଯୋଗ ହୁଏ ଏବଂ ଯାହାକୁ ସରକାର ତାଙ୍କର ସାମାଜିକ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ଲଗାନ୍ତି । ବ୍ୟକ୍ତି ବିଶେଷ ଏବଂ ସାମୂହିକ ବ୍ୟାବସାୟିକ ପ୍ରତିଷ୍ଠାନ ମାନଙ୍କ ଠାରୁ ମିଳୁଥିବା ଅର୍ଥରାଶି ହେଉଛି କର । ବିଭିନ୍ନ ପ୍ରକାର କର ମାନଙ୍କ ମଧ୍ୟରେ ଅଛି ଆୟକର, ସମ୍ପତ୍ତି କର, ଉପହାର କର, ସ୍ଥାବର ସମ୍ପତ୍ତି କର, ବିକ୍ରିକର, ଉତ୍ପାଦ କର ଏବଂ ସୀମା ଶୁଳ୍କ ଇତ୍ୟାଦି ।

### 40.1.1 କର (Tax)

କର ହେଉଛି ଆଇନସିଦ୍ଧ ଏବଂ ବାଧ୍ୟତାମୂଳକ ଦେୟ ଯାହା ସରକାର ବ୍ୟକ୍ତି ବିଶେଷ ବା କମ୍ପାନୀମାନଙ୍କ ଠାରୁ ନିଅନ୍ତି ଏବଂ ଏହାକୁ ଦେଶର ତଥା ଲୋକମାନଙ୍କର ସାଧାରଣ ଉପକାର ପାଇଁ ଖର୍ଚ୍ଚ କରନ୍ତି । ଅନ୍ୟ ଭାଷାରେ, କର ଏକ ବାଧ୍ୟତାମୂଳକ ଶୁଳ୍କ ବୋଲି କୁହାଯାଇପାରେ ଯେଉଁଠାରେ କର ଦେଉଥିବା ବ୍ୟକ୍ତିମାନେ ସରକାରଙ୍କ ଠାରୁ ପ୍ରତି ବଦଳରେ କୌଣସି ସେବା ବା ଜିନିଷପତ୍ର ପାଇଥା'ନ୍ତୁ ବା ନପାଇ ଥାଆନ୍ତୁ ।

### 40.1.2 ଫିସ୍ (Fee)

ବ୍ୟକ୍ତି ବାଧ୍ୟତାମୂଳକ ଭାବେ ଫିସ୍ ଦିଏ, ଯେଉଁଥିପାଇଁ ସେ ସରକାରଙ୍କ ଠାରୁ ପ୍ରତି ବଦଳରେ ନିର୍ଦ୍ଦିଷ୍ଟ ସାହାଯ୍ୟ ବା ସେବା ପାଏ ।

### 40.1.3 ଅର୍ଥଦଣ୍ଡ (Fine)

ଅର୍ଥଦଣ୍ଡ ଏକ ପ୍ରକାରର ବାଧ୍ୟତାମୂଳକ ଦେୟ ଅଟେ ଯାହା କର ଠାରୁ ଅଲଗା ଏବଂ ଏଥିପାଇଁ କୌଣସି କ୍ଷତି ପୂରଣ ନଥାଏ । କାରଣ ଏହା କେତେକ ନିର୍ଦ୍ଦିଷ୍ଟ ଭୁଲ ଯୋଗୁ ଅର୍ଥଦଣ୍ଡ ରୂପେ ଏବଂ ଲୋକମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ନିଆଯାଇଥାଏ । ଏହା ରାଜ୍ୟର ରାଜସ୍ୱ ପାଇଁ ନିଆଯାଏ ନାହିଁ । ଏହି କାରଣରୁ ଅର୍ଥଦଣ୍ଡ ଏକ କର ନୁହେଁ ।

### 40.1.4 ଅତିରିକ୍ତ କର (ସରଚାର୍ଜ) (Surcharges)

ଏହା କୌଣସି ବିଶେଷ ସେବା ପାଇଁ ଅତିରିକ୍ତ ଶୁଳ୍କ ବା ଫିସ୍ ଅଟେ । ଏହାକୁ କର ଉପରେ କର କୁହାଯାଏ । ଉଦାହରଣ ସ୍ୱରୂପ 10 ଲକ୍ଷ ଟଙ୍କାରୁ ଅଧିକ ଆୟ କଲେ, ଆୟକର ଉପରେ 10% ଅତିରିକ୍ତ କର ଲାଗୁ କରାଯାଏ । ଅନ୍ୟ ଭାଷାରେ ଅତିରିକ୍ତ କର ହେଉଛି କର ସହିତ ନିଆଯାଉଥିବା ଅଧିକ କର କିମ୍ବା ପ୍ରକୃତ କର ସହିତ ଏହାକୁ ଯୋଗ କରି ନିଆଯାଏ ।

**ସଂଜ୍ଞାରୁ ଆମେ କରର ଦୁଇଟି ଦିଗ ପାଇବା :**

1. କର ହେଉଛି ଏକ ବାଧ୍ୟତାମୂଳକ ଶୁଳ୍କ ଏବଂ କେହି ଏହାକୁ ଦେବା ପାଇଁ ମନା କରିପାରିବେ ନାହିଁ ।
2. କର ଗୁଡିକରୁ ମିଳୁଥିବା ଅର୍ଥକୁ ରାଜ୍ୟର ସାଧାରଣ ସୁବିଧା ପାଇଁ ବିନିଯୋଗ କରାଯାଏ କିମ୍ବା ରାଜ୍ୟର ସାଧାରଣ ଉଦ୍ଦେଶ୍ୟ ସାଧନରେ ବ୍ୟବହାର କରାଯାଏ ।

କର ଗୁଡିକୁ ସାଧାରଣତଃ ପ୍ରତ୍ୟକ୍ଷ ଏବଂ ପରୋକ୍ଷକର ଭାବରେ ବର୍ଗୀକରଣ କରାଯାଇଥାଏ :

## 40.2 ପ୍ରତ୍ୟକ୍ଷ କର

ଯେଉଁ କର ଭାରକୁ ଅନ୍ୟମାନଙ୍କ ଉପରେ ଲଦି ଦିଆଯାଇପାରିବ ନାହିଁ ଏବଂ ଯିଏ ଏହି କର ସରକାରଙ୍କୁ ଦେବ, ସେ ନିଜେ ଏହାକୁ ବହନ କରିବ, ତାକୁ ପ୍ରତ୍ୟକ୍ଷ କର କୁହାଯାଏ । ଅନ୍ୟ ଭାଷାରେ ପ୍ରତ୍ୟକ୍ଷ କର କୌଣସି ବ୍ୟକ୍ତି ବା ବ୍ୟକ୍ତି ସମୂହଙ୍କ ଉପରେ ଲାଗୁ କରାଯାଏ ଏହା ସେମାନଙ୍କୁ ସିଧାସଳଖ ଭାବେ ପ୍ରଭାବିତ କରେ ଅର୍ଥାତ୍ ଏହାକୁ ସେମାନେ ସିଧାସଳଖ ସରକାରଙ୍କୁ ଦିଅନ୍ତି । ବିଭିନ୍ନ ପ୍ରକାରର ପ୍ରତ୍ୟକ୍ଷ କର ଥାଏ :

### 40.2.1 ଆୟ କର (Income Tax)

ଜଣେ ବ୍ୟକ୍ତି ବିଶେଷ ବା ବ୍ୟକ୍ତି ସମୂହଙ୍କର ବାର୍ଷିକ ଆୟ ଉପରେ ଲାଗୁ କରାଯାଉଥିବା କରକୁ ଆୟକର କୁହାଯାଏ । ପ୍ରତ୍ୟେକ ବ୍ୟକ୍ତି, ଯାହାର ବାର୍ଷିକ ଆୟ ଏକ ନିର୍ଦ୍ଦିଷ୍ଟ ସୀମା ଠାରୁ ଅଧିକ ହୁଏ, ଆୟକର ନିୟମ ଅନୁସାରେ, ତାଙ୍କୁ ନିଜ ଆୟର କିଛି ଅଂଶ ଆୟକର ହିସାବରେ ଦେବାକୁ ହୁଏ । ପ୍ରତ୍ୟେକ ଆର୍ଥିକ ବର୍ଷ ଆରମ୍ଭରେ କେନ୍ଦ୍ର ସରକାର ଏହାର ହାର ଘୋଷଣା କରନ୍ତି ।

**ଆର୍ଥିକ ବର୍ଷ (Financial year ) :** ଏପ୍ରିଲ 1 ତାରିଖରୁ ମାର୍ଚ୍ଚ 31 ତାରିଖ ପର୍ଯ୍ୟନ୍ତ ସମୟ ଅବଧିକୁ ଆର୍ଥିକ ବର୍ଷ ନିଆଯାଏ । ଏହା ପ୍ରତ୍ୟେକ ଆର୍ଥିକ ବର୍ଷର ଏପ୍ରିଲ 1 ତାରିଖରୁ ଆରମ୍ଭ ହୁଏ ଏବଂ ତାପର ବର୍ଷ ମାର୍ଚ୍ଚ 31 ରେ ଶେଷ ହୁଏ ।

**କର ନିର୍ଦ୍ଧାରଣ ବର୍ଷ (Assessment year) :** କୌଣସି ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷର ପରବର୍ଷକୁ ଏହି ଆର୍ଥିକ ବର୍ଷ ଲାଗି କର ନିର୍ଦ୍ଧାରଣ ବର୍ଷ କୁହାଯାଏ । ଉଦାହରଣ ସ୍ୱରୂପ ଆର୍ଥିକ ବର୍ଷ 2005-06 ପାଇଁ ବର୍ଷ 2006-07କୁ କର ନିର୍ଦ୍ଧାରଣ ବର୍ଷ କୁହାଯାଏ ।

**ପରମାନେଣ୍ଟ ଆକାଉଣ୍ଟ ନମ୍ବର :** ଆୟକର ବିଭାଗ ଦ୍ୱାରା ଏକ ବ୍ୟକ୍ତିଙ୍କୁ ପରମାନେଣ୍ଟ ଆକାଉଣ୍ଟ ନମ୍ବର (PAN) ଦିଆଯାଇଥାଏ । ପ୍ରତ୍ୟେକ କରଦାତା (ଦାତ୍ରୀ)ଙ୍କ ପାଇଁ ଏହା ଆବଶ୍ୟକ ଅଟେ ଏବଂ ସେ ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ ତାଙ୍କ ଆୟର ବାର୍ଷିକ ବିବରଣୀ ପରବର୍ତ୍ତୀ କର ନିର୍ଦ୍ଧାରଣ ବର୍ଷର ଏକ ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ଦାଖଲ କରିବା ଆବଶ୍ୟକ ।

### 40.2.2 ଅର୍ଥ ଓ ସମ୍ପତ୍ତି କର (Wealth Tax) :

କୌଣସି ବ୍ୟକ୍ତିଙ୍କର ଧନ ଏବଂ ସମ୍ପତ୍ତି ଉପରେ ଲାଗୁଥିବା କରକୁ ଅର୍ଥ ଓ ସମ୍ପତ୍ତି କର କୁହାଯାଏ । ଏହା 5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଗେ ନାହିଁ । ଏହା ସହିତ ଏକ ବାସଗୃହ କିମ୍ବା ତାହାର ଏକ ଅଂଶ ଏହି କରରୁ ମୁକ୍ତ ଅଟେ ।

### 40.2.3 ଉପହାର କର (Gift Tax) :

ଯଦି କୌଣସି ବ୍ୟକ୍ତି ତାଙ୍କର କୌଣସି ଚଳନ୍ତି ବା ଅଚଳନ୍ତି ସମ୍ପତ୍ତିକୁ ନିଜ ଇଚ୍ଛାରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ହସ୍ତାନ୍ତର କରନ୍ତି, ତେବେ ଏହାକୁ ଉପହାର କୁହାଯାଏ । ଯଦି କୌଣସି ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଉଥିବା ଉପହାରର ମୂଲ୍ୟ ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ହୁଏ, ତେବେ ଉପହାର ଦେଉଥିବା ବ୍ୟକ୍ତିଙ୍କୁ ଉପହାର କର ସରକାରଙ୍କୁ ଦେବାକୁ ପଡେ, ମାତ୍ର ଉପହାର ନେଉଥିବା ବ୍ୟକ୍ତିଙ୍କୁ କୌଣସି କର ଦେବାକୁ ପଡେ ନାହିଁ ।

ଅର୍ଥନୀତିର କର ଢାଞ୍ଚାରେ ପ୍ରତ୍ୟକ୍ଷ ବା ପରୋକ୍ଷ କର କାହାକୁ ଅଗ୍ରାଧିକାର ଦିଆଯିବ, ଏହା ସାଧାରଣ ଅର୍ଥ ବ୍ୟବସ୍ଥାର ଏକ ବିବଦମାନ ବିଷୟବସ୍ତୁ ଅଟେ । ପ୍ରକୃତରେ ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ କରର ଭଲ ଏବଂ ମନ୍ଦ ଦିଗ ରହିଛି ଏବଂ ସେହି କାରଣରୁ ଏକ ଭଲ କର ବ୍ୟବସ୍ଥାରେ ଏହି ଦୁଇ କରର ଉପଯୁକ୍ତ ମିଶ୍ରଣ ରହିବା ଉଚିତ୍ ।

ଏଠାରେ ମନେ ପକାଯାଇପାରେ ଯେ, ପ୍ରତ୍ୟକ୍ଷ କର ହେଉଛି ସେହି କର ଯାହା ବ୍ୟକ୍ତି ବିଶେଷଙ୍କ ଉପରେ ଏବଂ ସଂସ୍ଥା ଉପରେ ସିଧାସଳଖ ଲାଗୁ କରାଯାଏ ଏବଂ ଯେଉଁମାନଙ୍କ ଉପରେ ଏହା ଲାଗୁ କରାଯାଏ । ସେହିମାନେ ହିଁ ଏହାର ଭାର ବହନ କରନ୍ତି ।

### 42.2.4 ପ୍ରତ୍ୟକ୍ଷ କରର ଭଲ ଦିଗ (Merits of Direct taxes)

1. ପ୍ରତ୍ୟକ୍ଷ କରର ବୃହତ୍ତର ବୋଝ ଧନୀ ଲୋକମାନଙ୍କ ଉପରେ ପଡେ ଯେଉଁମାନେ ଏହା ବହନ କରିବାକୁ ସକ୍ଷମ ଅଟନ୍ତି ଏବଂ କର ଦେବା କ୍ଷମତା କମ୍ ଥିବା ଗରିବ ଲୋକମାଙ୍କ ଉପରେ ଏହି ବୋଝ କମ୍ ପଡେ ।
2. ପ୍ରତ୍ୟକ୍ଷ କର ପରି ଆୟ ଏବଂ ସମ୍ପତ୍ତିର ଅସମତାକୁ କମ୍ କରିବା ପାଇଁ ଏକ ମୁଖ୍ୟ ଉପକରଣ ଅଟେ ।
3. ପରୋକ୍ଷ କର ପରି ପ୍ରତ୍ୟକ୍ଷ କର ଗୁଡିକ ସମ୍ପଦର ଉପସ୍ଥାପନାକୁ ବିକୃତ କରେ ନାହିଁ । ଫଳସ୍ୱରୂପ, କର ଦାତାଙ୍କ ଲାଗି ପରୋକ୍ଷ କର ଅପେକ୍ଷା ପ୍ରତ୍ୟକ୍ଷ କର ସୁବିଧାଜନକ ହୋଇଥାଏ ।
4. ଯଦି ପ୍ରତ୍ୟକ୍ଷକର ଅଧିକ ପ୍ରଗତିଶୀଳ ହୋଇଥାଏ, ତେବେ ଏହାର ରାଜସ୍ୱ ନମନିୟତା ଅଧିକ ହୁଏ । ଯେତେବେଳେ ଜାତୀୟ ଆୟର ବୃଦ୍ଧି ହୁଏ, ସେତେବେଳେ ଏହି କର ମାନଙ୍କରୁ ମିଳୁଥିବା ରାଜସ୍ୱରେ ମଧ୍ୟ ଅଧିକ ବୃଦ୍ଧି ହୁଏ ।

### 40.2.5 ପ୍ରତ୍ୟକ୍ଷ କରର ଖରାପ ଦିଗ (Demerits of Direct Taxes)

1. ପ୍ରତ୍ୟକ୍ଷ କର କ୍ଷେତ୍ରରେ ଲୋକମାନଙ୍କର ନିଜର କର ବୋଝ ଉପରେ ଜ୍ଞାନ ଥାଏ ଏବଂ ଏଇଥିପାଇଁ ସେମାନେ ଏହାକୁ ନ ଦେବା ପାଇଁ ବା ଫାଙ୍କି ଦେବା ପାଇଁ ଚେଷ୍ଟା କରନ୍ତି । କରକୁ ଏଡ଼େଇ ଦେବା ବା ଫାଙ୍କି ଦେବାର ଅଭ୍ୟାସ ଏବଂ ସମ୍ଭାବନା ପରୋକ୍ଷ କର ଠାରୁ ପ୍ରତ୍ୟକ୍ଷ କରରେ ଅଧିକ ଥାଏ ।





ଟିପ୍ପଣୀ

2. ପ୍ରତ୍ୟକ୍ଷ କର ଗୁଡିକ ସାଧାରଣତଃ ଏକାଥରକେ ବା ଅଗ୍ରୀମ ଆକାରରେ ପୈଠ କରାଯାଏ ଫଳରେ ଏହା ଅସୁବିଧାଜନକ ହୁଏ ।

3. ପ୍ରତ୍ୟକ୍ଷ କରର ଆଉ ଏକ ଖରାପ ଦିଗ ହେଲା, ଏହା କାର୍ଯ୍ୟ କରିବା ଏବଂ ସଞ୍ଚୟ କରିବାର ଇଚ୍ଛାଶକ୍ତି ଉପରେ ପ୍ରଭାବ ପକାଏ । ଏହା କଳନା କରାଯାଇଛି ଯେ, ଏକ କରଦାତା ସମ୍ମୁଖରେ, କାର୍ଯ୍ୟ (ନିର୍ଦ୍ଦିଷ୍ଟ ଆୟ) ଏବଂ ବିଶ୍ରାମ ଭଳି ଦୁଇଟି ବିକଳ୍ପ ଥାଏ । ଅଧିକ ଆୟ ପାଇଁ ତାଙ୍କୁ ଅଧିକ କର ଦେବାକୁ ପଡୁଥିବାରୁ ସେ ବିଶ୍ରାମକୁ ଅଧିକ ପସନ୍ଦ କରିବାର ଆଶଙ୍କା ଥାଏ । ତେଣୁ ସେ କମ୍ ଆୟ କରି କମ୍ କର ଦେବାକୁ ଆଦରି ନେବାର ଚେଷ୍ଟା କରନ୍ତି ।

## 40.3 ପରୋକ୍ଷ କର (Indirect Taxes)

ପରୋକ୍ଷ କର ସେହି କର, ଯାହାର ବୋଝ କରଦାତା ଅନ୍ୟମାନଙ୍କ ପାଖକୁ ସମ୍ପୂର୍ଣ୍ଣ ବା ଆଂଶିକଭାବରେ ହସ୍ତାନ୍ତର କରିଦେଇପାରିବେ । ବସ୍ତୁ ଗୁଡ଼ିକର ଉତ୍ପାଦନ ଏବଂ ବସ୍ତୁଗୁଡିକ ବିକ୍ରି ତଥା ସେବା ଉପରେ ପରୋକ୍ଷ କର ଧାର୍ଯ୍ୟ କରାଯାଏ ଏବଂ ଏହାର ଛୋଟ କିମ୍ବା ଏକ ବଡ ଅଂଶ ଉପଭୋକ୍ତାମାନଙ୍କ ଉପରେ ଲଦି ଦିଆଯାଏ । ବସ୍ତୁଗୁଡିକର ଉତ୍ପାଦନ ଉପରେ ଲାଗୁ ହେଉଥିବା ଏକ୍ସାଇଜ୍ ଶୁଳକ୍, ବିକ୍ରିକର, ସେବାକର, ସୀମା ଶୁଳ୍କ, ରେଳ ବା ବସ୍ ଭଡା ଉପରେ ଶୁଳ୍କ ହେଉଛି ପରୋକ୍ଷ କରର କେତେକ ଉଦାହରଣ ।

### 40.3.1 ଏକ୍ସାଇଜ୍ ଶୁଳ୍କ (Excise Duty)

ବସ୍ତୁଗୁଡିକୁ ତିଆରି କରୁଥିବା ଉତ୍ପାଦନକାରୀ କିମ୍ବା ଯୋଗାଣକାରୀ ମାନଙ୍କ ଉପରେ ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା କରକୁ ଏକ୍ସାଇଜ୍ ଶୁଳ୍କ କହନ୍ତି । ଉତ୍ପାଦ ଶୁଳ୍କ (Excise duty) ଦେବାର ବୋଝ ସର୍ବଦା ବସ୍ତୁଗୁଡିକୁ ଉତ୍ପାଦନ କରୁଥିବା ଉତ୍ପାଦନ କାରୀ ଉପରେ ପଡେ । ଯେହେତୁ ଏହି କର ହେଉଛି ବସ୍ତୁଗୁଡିକୁ ଉତ୍ପାଦନ କରୁଥିବା ଉତ୍ପାଦନକାରୀ ଉପରେ ଲାଗୁ କରାଯାଉଥିବା କର, ଏହି କରକୁ ସାଧାରଣତଃ ବସ୍ତୁ ଗୁଡିକର ଦାମ୍ ସହିତ ଯୋଗ କରି ଦିଆଯାଏ ଏବଂ ଉତ୍ପାଦନକାରୀ ତାହାକୁ ବସ୍ତୁଗୁଡିକୁ କିଣୁଥିବା ଗ୍ରାହକ ମାନଙ୍କ ଠାରୁ ସଂଗ୍ରହ କରେ । ସେଥିପାଇଁ ଏହାକୁ ପରୋକ୍ଷ କର କୁହାଯାଏ । ବର୍ତ୍ତମାନ ଏହି କରକୁ ''ସେନ୍ ଭାଟ୍'' (Centvat) ବୋଲି କୁହାଯାଉଛି । ତିନି ପ୍ରକାରର ବ୍ୟକ୍ତିଙ୍କୁ ଉତ୍ପାଦନ କାରୀ ଭାବରେ ଗଣନା କରାଯାଉଛି ।

- ଯେଉଁମାନେ ନିଜେ ବସ୍ତୁଗୁଡିକୁ ତିଆରି କରୁଛନ୍ତି;
- ଯେଉଁମାନେ ମଜ୍‌ଦୁରମାନଙ୍କୁ ଦରମା ଦେଇ ବସ୍ତୁଗୁଡିକୁ ତିଆରି କରାନ୍ତି;
- ଯେଉଁମାନେ ଅନ୍ୟ ପାର୍ଟିମାନଙ୍କୁ ଠିକା ଦେଇ ବସ୍ତୁଗୁଡିକୁ ତିଆରି କରାନ୍ତି;

ଉଦାହରଣ ସ୍ୱରୂପ ଚିନି ଉତ୍ପାଦନ ଉପରେ ଲାଗୁଥିବା ଉତ୍ପାଦ ଶୁଳ୍କ ଏକ ପରୋକ୍ଷ କର, କାରଣ ଚିନି ଉତ୍ପାଦନକାରୀ ଚିନିର ମୂଲ୍ୟରେ ଉତ୍ପାଦ ଶୁଳ୍କକୁ ଅନ୍ତର୍ଭୁକ୍ତ କରାଇ ଗ୍ରାହକମାନଙ୍କ ଉପରେ ଲଦି ଦିଏ । ପରିଶେଷରେ ଚିନିର ଉତ୍ପାଦ ଶୁଳ୍କ ଉପଭୋକ୍ତାମାନଙ୍କ ଉପରେ ପଡେ, ଯେହେତୁ ସେମାନେ ଚିନି ପାଇଁ କର ବସାଯିବା ପୂର୍ବରୁ ଯାହା ମୂଲ୍ୟ ଥାଏ, ତାହାଠାରୁ ଅଧିକ ମୂଲ୍ୟ ଦେଇଥାଆନ୍ତି ।

ଉତ୍ପାଦ ଶୁଳ୍କର ବୋଝକୁ ଆକର୍ଷଣୀୟ କରିବା ପାଇଁ, ନିମ୍ନଲିଖିତ ଚାରୋଟି ସର୍ତ୍ତ ପୂର୍ଣ୍ଣ ହେବା ଆବଶ୍ୟକ :

(a) ଶୁଳ୍କ ''ବସ୍ତୁ'' ଗୁଡିକ ଉପରେ ବସିବ ।

(b) ବସ୍ତୁଗୁଡିକ ନିଶ୍ଚିତ ଭାବରେ ଉତ୍ପାଦ ଶୁଳ୍କ ଲାଗୁ ହୋଇପାରୁଥିବା ଉପଯୋଗୀ ହେବା ଦରକାର ।

(c) ବସ୍ତୁଗୁଡିକ ନିଶ୍ଚିତ ଭାବରେ ତିଆରି କରାଯାଉଥିବ ବା ''ଉତ୍ପାଦିତ'' ହେଉଥିବ ।

(d) ଭାରତ ଭିତରେ ହିଁ ବସ୍ତୁଗୁଡ଼ିକ ତିଆରି ବା ଉତ୍ପାଦିତ ହେବା ଉଚିତ୍ ।

### 40.3.2 ଉତ୍ପାଦ ଶୁଳ୍କ ଉପରେ ଅତିରିକ୍ତ ସୂଚନା

**ବସ୍ତୁ :** ଏଗୁଡିକ ସେହିଭଳି ଜିନିଷ ଯାହା ଓଜନ ହୋଇପାରିବ, ମପାଯାଇପାରିବ ଏବଂ ବିକାଯାଇପାରିବ । ଉଦାହରଣ ସ୍ୱରୂପ ଷ୍ଟିଲ୍, କପଡା, କମ୍ପ୍ୟୁଟର ସଫ୍ଟୱେୟାର, ଗ୍ୟାସ ଇତ୍ୟାଦି ହେଉଛି ବସ୍ତୁ । ଯେଉଁଗୁଡିକ ଶୀଘ୍ର ନଷ୍ଟ ହୋଇଯିବ, ସେଗୁଡ଼ିକ ବସ୍ତୁ ନୁହେଁ ।



ଟିପ୍ପଣୀ

କେବଳ ସେହି ଦ୍ରବ୍ୟ ଗୁଡିକ ଉପରେ ଉତ୍ପାଦ ଶୁଳ୍କ ବସାଯାଇପାରିବ, ଯେଉଁଗୁଡିକ ଭାରତରେ ନିର୍ମିତ ହୋଇଥିବ, କିନ୍ତୁ ବିଶେଷ ଆର୍ଥିକ ପରିସର ମଧ୍ୟରେ (SEZ) ନିର୍ମିତ ହୋଇଥିବା ବସ୍ତୁଗୁଡିକୁ ବାଦ ଦିଆଯିବ । ତେଣୁ ଉତ୍ପାଦ ଶୁଳ୍କ ଆମଦାନୀ ହୋଇଥିବା ବସ୍ତୁଗୁଡିକ ଉପରେ ବସାଯାଇ ପାରିବ ନାହିଁ ।

**ଉତ୍ପାଦ ଶୁଳ୍କର ପୈଠ :** ଛୋଟ ଧରଣର ଉଦ୍ୟୋଗ (Non-SSI) ହୋଇଥିଲେ, ଏହି କର ପ୍ରତି ମାସରେ ପୈଠ ହେବ ଏବଂ ଛୋଟ ଧରଣର ଉଦ୍ୟୋଗ ହୋଇଥିଲେ (ଟର୍ଣ୍ଣ ଓଭରକୁ ଆଧାର କରି ଛାଡ ପାଉଥିଲେ), ଏହା ପ୍ରତି ତିନିମାସରେ ଥରେ ପୈଠ ହେବ । କୌଣସି ମାସରେ ଫ୍ୟାକ୍ଟରୀ କିମ୍ବା ଗୋଦାମରୁ ବାହାରକୁ ଯାଉଥିବା ବସ୍ତୁ ଗୁଡିକର ଉତ୍ପାଦ ଶୁଳ୍କ, ବଡ ଉଦ୍ୟୋଗ ପାଇଁ, ତା ପରମାସ 5 ତାରିଖ ଏବଂ ଲଘୁ ଉଦ୍ୟୋଗ ପାଇଁ ତାପରମାସ 15 ତାରିଖ ମଧ୍ୟରେ ପୈଠ ହେବ । ପୈଠରେ ବିଳମ୍ବ ହେଲେ, 5 ତାରିଖ ବା 15 ତାରିଖ (ଯେଉଁଟା ଲାଗୁ ହେବ) ପରେ ଯେତେ ସମୟ ବିଳମ୍ବ ହେବ ତା'ପାଇଁ ମାସ ପ୍ରତି 13% ହାରରେ ସୁଧ ବା ଦିନ ପ୍ରତି 1000 ଟଙ୍କା, ଯେଉଁଟା ଅଧିକ ହେବ, ଉତ୍ପାଦ ଶୁଳ୍କ ସହିତ ନିଆଯିବ ।

**ସେନ୍‌ଭାଟ୍ କ୍ରେଡିଟ୍ ଆକାଉଣ୍ଟରେ ଡେବିଟ୍ ରାଶିର ପୈଠ :** ସେନ୍‌ଭାଟ୍ କ୍ରେଡିଟ୍ ଯୋଜନାରେ, କରଦାତାର ଏହିସବୁ ବସ୍ତୁ ବା ଏହିସବୁ ଉତ୍ପାଦ ପାଇଁ ଦିଆଯାଉଥିବା ଶୁଳ୍କ, ଯାହା ତାର ଉତ୍ପାଦ ସହିତ ଲାଗୁ ହୋଇଥାଏ, ତାଙ୍କ ଶୁଳ୍କରେ ହୋଇଥିବା କ୍ରେଡିଟ୍‌କୁ ଶୁଳ୍କ ପ୍ରଦାନ କରିବାରେ ଉପଯୋଗ କରାଯାଏ । LDO (ଲାଇଟ୍ ଡିଜେଲ୍ ଅଏଲ୍), HSD (ହାଇସ୍ପିଡ୍ ଡିଜେଲ) ଏବଂ ମୋଟର ସ୍ପିରିଟ୍ ବ୍ୟତୀତ ଅନ୍ୟସବୁ ବସ୍ତୁ ବା ମାଲ ପାଇଁ କ୍ରେଡିଟ୍ କରିବାର ଅନୁମତି ଥାଏ । ଫ୍ୟାକ୍ଟରୀକୁ ଆସୁଥିବା କଞ୍ଚାମାଲ ପାଇଁ ସଙ୍ଗେ ସଙ୍ଗେ ତତ୍‌କାଳ କ୍ରେଡିଟ୍ କରିବାର ଅନୁମତି ଥାଏ । କିନ୍ତୁ ଶେଷ ଉତ୍ପାଦଗୁଡିକ ଯଦି ଶୁଳ୍କରୁ ଛାଡ ପାଇଥାଏ, ତେବେ କ୍ରେଡିଟ୍ କରିବାର ଅନୁମତି ନଥାଏ ।

ନିମ୍ନଲିଖିତ ଉଦାହରଣରେ ସେନ୍‌ଭାଟ୍‌ରେ କ୍ରେଡିଟ୍ କରିବା ପ୍ରଣାଳୀ ବର୍ଣ୍ଣନା କରାଯାଇଛି ।

ମନେକର ଏକ ବସ୍ତୁର ମୂଲ୍ୟ 100 ଟଙ୍କା । ଯେତେବେଳେ ବିନା ସେନ୍‌ଭାଟ୍‌ରେ କାରବାର ହେବ, B, A ଠାରୁ 110 ଟଙ୍କା ରେ କିଣିବ (10% ଉତ୍ପାଦ ଶୁଳ୍କ ସହିତ) । ଏଥିରେ 40 ଟଙ୍କା ଯୋଗ କଲେ ସମୁଦାୟ 150 ଟଙ୍କା ହେଲା । ସେ ତା'ଉପରେ 10% ଅର୍ଥାତ୍ 15 ଟଙ୍କା କର ଦେଲା । ତା'ପରେ ମୋଟ 165 ଟଙ୍କା ହେଲା । ଯେତେବେଳେ ସେନ୍‌ଭାଟ୍‌ରେ କାରବାର ହେବ B, A ଠାରୁ 100 ଟଙ୍କା ରେ କିଣିଲା, କାରଣ ସେ କ୍ରେଡିଟ୍‌ରେ ପାଇଲା । ଏଥିରେ 40 ଟଙ୍କା ଯୋଗ କଲେ ମୋଟ 140 ଟଙ୍କା ହେଲା । ସେ ତା ଉପରେ 10% ଅର୍ଥାତ୍ 14 ଟଙ୍କା ଶୁଳ୍କ ଦେବ । ତାପରେ ମୋଟ 154 ଟଙ୍କା ହେଲା । ଏଠାରେ ତୁମେ ସହଜରେ ଜାଣିପାରିବ ଯେ, ସେନ୍‌ଭାଟ୍ ସହିତ କାରବାର ଲାଭଦାୟକ ହେବ । ବିସ୍ତୃତ ଭାବରେ ଏହା ନିମ୍ନ ତାଲିକାରେ ଦର୍ଶାଯାଇଛି ।

| | **ବିନା ସେନ୍‌ଭାଟ୍‌ରେ କାରବାର** | | **ସେନ୍‌ଭାଟ୍ ସହିତ କାରବାର** | |
|---|---|---|---|---|
| ଡିଟେଲ୍ସ | A | B | A | B |
| କିଣିଲା | - | 110 | - | 100 |
| ଯୋଗ ହେଉଥିବା ମୂଲ୍ୟ | 100 | 40 | 100 | 40 |
| ସବ୍ ଟୋଟାଲ୍ | 100 | 150 | 100 | 140 |
| 10% ଶୁଳ୍କ ଯୋଗ | 10 | 15 | 10 | 14 |
| ମୋଟ | 110 | 165 | 110 | 154 |

**ଉତ୍ପାଦ ଶୁଳ୍କ ପୈଠ ଛାଡ :** କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ନିୟମ ଅନୁସାରେ, ଶୁଳ୍କରେ ଛାଡର ଅନୁମତି ଥାଏ ଯଦି ବସ୍ତୁ ଗୁଡିକ ନେପାଳ ଓ ଭୁଟାନ ବ୍ୟତୀତ ଅନ୍ୟ ରାଷ୍ଟ୍ରକୁ କୌଣସି ବଣ୍ଡ୍ ଆଧାରରେ ରପ୍ତାନୀ ହୋଇଥିବ । ସେହିପରି, ବସ୍ତୁଗୁଡିକ ବିଶେଷ ଆର୍ଥିକ ପରିସର (SEZ) ମଧ୍ୟରେ ନିର୍ମିତ ହେଉଥିଲେ ଉତ୍ପାଦ ଶୁଳ୍କ ଲାଗିବ ନାହିଁ, ତେଣୁ SEZରେ ନିର୍ମିତ ବସ୍ତୁ ଗୁଡିକରୁ ଉତ୍ପାଦ ଶୁଳ୍କ ଆଦାୟ ହେବ ନାହିଁ । ଅନ୍ୟ ଯେଉଁ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଗୁଡିକ ଉତ୍ପାଦ ଶୁଳ୍କରୁ ଛାଡ ପାଆନ୍ତି, ସେଗୁଡିକୁ ଏହି ଅଧ୍ୟାୟ ଶେଷରେ ଥିବା Annexure - A ତାଲିକାରେ ଦିଆଯାଇଛି ।

ସାଧାରଣତଃ ଅଧିକାଂଶ ବସ୍ତୁ ଉପରେ 16% ଉତ୍ପାଦ ଶୁଳ୍କ ଏବଂ 2% ଅଧିଭାର (cess) ବସାଯାଏ କିନ୍ତୁ ସରକାର ବିଭିନ୍ନ ଶ୍ରେଣୀର ବସ୍ତୁଗୁଡିକ ପାଇଁ କିମ୍ବା ବିଭିନ୍ନ ଶ୍ରେଣୀ ଦ୍ୱାରା ନିର୍ମିତ ବସ୍ତୁ ଗୁଡିକ ପାଇଁ କିମ୍ବା ବିଭିନ୍ନ ଶ୍ରେଣୀର ଗ୍ରାହକଙ୍କୁ ବିକ୍ରି କରାଯାଉଥିବା

ବସ୍ତୁ ଗୁଡ଼ିକ ପାଇଁ ଭିନ୍ନ ଭିନ୍ନ ଶୁଳ୍କ ସ୍ଥିର କରନ୍ତି । ଟେକ୍ସଟାଇଲ ବିଭାଗ କ୍ଷେତ୍ରରେ ଥିବା ବ୍ୟତିକ୍ରମ ନିମ୍ନରେ ଦିଆଗଲା ।

| କ୍ରମିକ ସଂଖ୍ୟା | ସାମଗ୍ରୀର ପ୍ରକାର | ଉତ୍ପାଦ | ସେସ୍ ଶୁଳ୍କ |
|---|---|---|---|
| 1. | ଉତ୍ତମ ଭାବେ ପ୍ରସ୍ତୁତ ହୋଇ ନଥିବା (Unprocessed) ସୂତା, ହାତ ତିଆରି ଏବଂ ଉଲ୍ ତିଆରି ନିମ୍ନସ୍ଥ (2) ବ୍ୟତୀତ | 10% | 2% |
| 2. | ଉତ୍ତମ ଭାବେ ପ୍ରସ୍ତୁତ ହୋଇ ନଥିବା ବୁଣା ଯାଇଥିବା ସୂତା ଅନ୍ୟ କଳ ତିଆରି ବସ୍ତୁ ବ୍ୟତୀତ | 8% | 2% |
| 3. | ଶତକଡ଼ା 100% ତୁଳା ସୂତା ପ୍ରସ୍ତୁତ ପୋଷାକ ଏବଂ ଅନ୍ୟାନ୍ୟ ହାତ ବୁଣା ବସ୍ତୁ | 8% | 2% |
| 4. | ରେଡିମେଡ୍ ପୋଷାକ, ଉପରିସ୍ଥ (3) ଭିନ୍ନ | 10% | 2% |
| 5. | ଶତକଡ଼ା 100% ତୁଳା ସୂତା ପ୍ରସ୍ତୁତ ପୋଷାକ ସାମଗ୍ରୀ ଏବଂ ହାତ ବୁଣା ବସ୍ତୁ | 8% | 2% |
| 6. | ପୋଷାକ ସାମଗ୍ରୀ, ଉପରିସ୍ଥ (5) ଭିନ୍ନ | 10% | 2% |

### 40.3.3 ଉତ୍ପାଦ ଶୁଳ୍କର ମୂଲ୍ୟାଙ୍କନ

**ବିଶେଷ ଶୁଳ୍କ :** ନିର୍ଦ୍ଦିଷ୍ଟ ଏକକ ଆଧାରରେ ଏହି ଶୁଳ୍କ ଦିଆଯାଏ । ଉଦାହରଣ ସ୍ୱରୂପ, ସିଗାରେଟ୍ କ୍ଷେତ୍ରରେ ତାହାର ଲମ୍ବ ଆଧାରରେ, ଚିନିରେ କ୍ୱିଣ୍ଟାଲ ପ୍ରତି, ଦିଆସିଲିରେ ପ୍ରତି 100 ଡବା ପାଇଁ, ମାର୍ବଲ ସ୍ଲାବ ଏବଂ ଟାଇଲ କ୍ଷେତ୍ରରେ ପ୍ରତି ବର୍ଗମିଟର ପାଇଁ ଏବଂ ରଙ୍ଗୀନ ଟିଭିରେ ତା'ର ସ୍କ୍ରିନ୍ ସାଇଜ (ସେମିରେ) ଶୁଳ୍କ ନିଆଯାଏ, ଯଦି ପେଟି ଉପରେ ସର୍ବୋଚ୍ଚ ବିକ୍ରି ମୂଲ୍ୟ ଲେଖା ନଥାଏ ।

**ପଣ୍ୟଶୁଳ୍କ ମୂଲ୍ୟ (Tariff value) :** ସରକାର ବିଭିନ୍ନ ସମୟରେ ପଣ୍ୟଶୁଳ୍କ ମୂଲ୍ୟ ସ୍ଥିର କରନ୍ତି । ବିଭିନ୍ନ ଶ୍ରେଣୀ ଦ୍ୱାରା ନିର୍ମିତ, ବିଭିନ୍ନ ଶ୍ରେଣୀର ବସ୍ତୁ ପାଇଁ କିମ୍ବା ବିଭିନ୍ନ ଶ୍ରେଣୀର ଗ୍ରାହକମାନଙ୍କୁ ବିକ୍ରି କ୍ଷେତ୍ରରେ ସରକାର ବିଭିନ୍ନ ପଣ୍ୟଶୁଳ୍କ ମୂଲ୍ୟ ସ୍ଥିର କରିପାରନ୍ତି ।

**ସର୍ବୋଚ୍ଚ ଖୁଚୁରା ମୂଲ୍ୟ ଆଧାରରେ ମୂଲ୍ୟାଙ୍କନ (MRP Based valuation) :** ବ୍ୟବସ୍ଥା ଗୁଡିକ ନିମ୍ନରେ ଦିଆଗଲା ।

(i) ବସ୍ତୁଗୁଡିକ ଓଜନ ଏବଂ ମାପର ମାନକ ଅଧିନିୟମ ଅର୍ନ୍ତଗତ ହୋଇଥିବ ।

(ii) କେନ୍ଦ୍ର ସରକାର ଖୁଚୁରା ବିକ୍ରିମୂଲ୍ୟରେ କିଛି ଉଚିତ୍ ଛାଡର ଅନୁମତି ଦେଇପାରିବେ ।

(iii) କେନ୍ଦ୍ର ସରକାର ଅଫିସିଆଲ ଗେଜେଟ୍ ମାଧ୍ୟମରେ ଅଧିସୂଚନା ଜାରି କରି ବସ୍ତୁ ଗୁଡିକର ତାଲିକା ପ୍ରକାଶ କରିବେ ଯାହା ପାଇଁ ଏହି ବ୍ୟବସ୍ଥା ଲାଗୁ ହେବ ଏବଂ ଖୁଚୁରା ବିକ୍ରିମୂଲ୍ୟରେ କମ୍ କରାଯିବ ।

ଉଦାହରଣସ୍ୱରୂପ ସରକାର ଏକ ଅଧିସୂଚନା ଜାରି କରି କସମେଟିକ୍ସ (ପ୍ରସାଧନ) ଏବଂ ସୌଚାଳୟ ସାମଗ୍ରୀର ପେଟି ଉପରେ ଲେଖାଥିବା ସର୍ବୋଚ୍ଚ ଖୁଚୁରା ମୂଲ୍ୟରେ 50% କମାଇ ଉତ୍ପାଦ ଶୁଳ୍କ କମ୍ କରିଛନ୍ତି, ଏପରି ଅବସ୍ଥାରେ ଯଦି ପେଟି ଉପରେ 50 ଟଙ୍କା MRP ଲେଖା ଥାଏ ଏବଂ କସ୍‌ମେଟିକ୍ସ ଏବଂ ପ୍ରସାଧନ ସାମଗ୍ରୀ ଉପରେ ଉତ୍ପାଦ ଶୁଳ୍କ 20% ଥାଏ, ତେବେ ଉତ୍ପାଦ ଶୁଳ୍କ 25 ଟଙ୍କା ଉପରେ 20% ହାରରେ (ଅର୍ଥାତ୍ 50 ଟଙ୍କା MRP ର 50% ଛାଡ ଦେବା ପରେ) ଉତ୍ପାଦ ଶୁଳ୍କ ପ୍ରତି ପେଟି ପାଇଁ 5 ଟଙ୍କା ନିଆଯିବ ।

**କରଧାର୍ଯ୍ୟ ଯୋଗ୍ୟ ମୂଲ୍ୟ (Assessable value) :** କରଧାର୍ଯ୍ୟ ଯୋଗ୍ୟ ମୂଲ୍ୟର ମୂଳ ବ୍ୟବସ୍ଥା, ଯେତେବେଳେ ଉତ୍ପାଦ ଶୁଳ୍କ ଯୋଗ୍ୟ ଉତ୍ପାଦିତ ବସ୍ତୁ ଉପରେ ଉତ୍ପାଦ ଶୁଳ୍କ ଲାଗୁ କରାଯାଏ, ଏହି ବସ୍ତୁ ବାହାରକୁ ବାହାରିବା ସମୟର ମୂଲ୍ୟ ଏହାର କାରବାର ମୂଲ୍ୟ (Transaction Value) ହେବ । କାରବାର ମୂଲ୍ୟର ସଂଜ୍ଞା ହେଉଛି ସେହି ଦାମ, ଯେଉଁ ଦାମରେ ଏହାକୁ ବିକ୍ରି କରାଯାଏ ଏବଂ ଏହା ସହିତ ଗ୍ରାହକ ଦେଉଥିବା ଅତିରିକ୍ତ ମୂଲ୍ୟ ମଧ୍ୟ ଅନ୍ତର୍ଭୁକ୍ତ । ବିଜ୍ଞାପନ କିମ୍ବା ପ୍ରଚାର, ମାର୍କେଟିଙ୍ଗ ଏବଂ ସେଲିଂ ସଂସ୍ଥାର ଖର୍ଚ୍ଚ, ଷ୍ଟୋରେଜ, ବାହାରକୁ ପଠାଇବା ଖର୍ଚ୍ଚ, ସେବା, ବୀମା, କମିସନ୍





କିମ୍ବା ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ତାହା ସହିତ ଅନ୍ତର୍ଭୁକ୍ତ ଅଟେ । କିନ୍ତୁ ଏହା ସହିତ ଉତ୍ପାଦ ଶୁଳ୍କ, ବିକ୍ରିକର ତଥା ଅନ୍ୟ କରଗୁଡିକ ଅନ୍ତର୍ଭୁକ୍ତ ନୁହଁନ୍ତି ।

**40.3.4 କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅନ୍ତର୍ଗତ ରପ୍ତାନୀରେ ସୁବିଧା :**

**ଶୁଳ୍କ ମୁକ୍ତ ନିବେଶ :** ରପ୍ତାନୀକାରୀ ସଂସ୍ଥା ସୀମା ଶୁଳ୍କ / ଉତ୍ପାଦ ଶୁଳ୍କ ବିହୀନ କଞ୍ଚାମାଲ ଚାହାଁନ୍ତି ଯେପରି ସେମାନେ ରପ୍ତାନୀ ବଜାରରେ ପ୍ରତିଯୋଗିତା କରିବା ପାଇଁ ସକ୍ଷମ ହେବେ ।

**ସମ୍ପୂର୍ଣ୍ଣ ହୋଇଥିବା ବସ୍ତୁର ଶୁଳ୍କ ମୁକ୍ତ ରପ୍ତାନୀ :** ସବୁ ପ୍ରକାର ଉତ୍ପାଦ ଶୁଳ୍କ ଲାଗୁଥିବା ବସ୍ତୁ, ପଶୁର ଚର୍ମ, ଚର୍ମ ଏବଂ ଲୁଣ ବ୍ୟତୀତ, ନେପାଳ ଏବଂ ଭୁଟାନ ବ୍ୟତୀତ ଅନ୍ୟ ସବୁ ଦେଶକୁ ରପ୍ତାନୀ କଲେ, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କରୁ ମୁକ୍ତ ଅଟନ୍ତି ।

**ଉଦାହରଣ 40.1** ଶିଭମ୍ ଉଦ୍ୟୋଗ ଦିନକୁ 60 ଏକକ ଷ୍ଟିମ ଲୁହା ତିଆରି କରେ ଏବଂ ଏହାର ଏକକ ପ୍ରତି ନିବେଶ ଦାମ୍ 200 ଟଙ୍କା । କମ୍ପାନୀ ଏହା ସହିତ 100 ଟଙ୍କା ଯୋଗ କରେ ଏବଂ ତାପରେ 10% ଉତ୍ପାଦ ଶୁଳ୍କ ଦେଇ ବିକ୍ରି କରେ । ପ୍ରତ୍ୟେକ ଷ୍ଟିମ ଲୁହାର ଶେଷ ମୂଲ୍ୟ କେତେ ହେବ ହିସାବ କର । ଯଦି କାରବାର ସେନ୍‌ଭାଟ୍ ବିହୀନ ହୋଇଥାଏ, ତେବେ କମ୍ପାନୀ ମାସ ଶେଷକୁ କେତେ ଟଙ୍କା ଉତ୍ପାଦ ଶୁଳ୍କ ଦେବ ହିସାବ କର ।

**ସମାଧାନ :** ନିବେଶ ମୂଲ୍ୟ = 200 ଟଙ୍କା ଏକକ ପ୍ରତି

ଯୋଗ ହେଉଥିବା ମୂଲ୍ୟ = 100 ଟଙ୍କା

ମୋଟ = 300 ଟଙ୍କା

ଦିନ ପ୍ରତି 60 ଏକକ ହେତୁ ଗୋଟିଏ ମାସରେ = $60 \times 30 = 1800$ ଏକକ

$\therefore$ ଦିଆଯାଇଥିବା ଉତ୍ପାଦ ଶୁଳ୍କ = $300 \times 1800 \times \frac{10}{100}$ ଟଙ୍କା = 54,000 ଟଙ୍କା

**ଉଦାହରଣ 40.2** ଗଣେଶ ଏଣ୍ଡ ସନ୍ସ, କେଜି ପ୍ରତି 50 ଟଙ୍କା ରେ ପ୍ରତି ଦିନ 100 କେ.ଜି. ଚକ୍‌ଲେଟ ବିସ୍କୁଟ ତିଆରି କରନ୍ତି । ଯଦି ଉତ୍ପାଦ ଶୁଳ୍କ 5% ହୁଏ ଏବଂ କେ.ଜି ପ୍ରତିପୂର୍ବ ମୂଲ୍ୟରେ 20 ଟଙ୍କା ଯୋଗ କରାଯାଏ, ତେବେ ମାସ ଶେଷକୁ ସେ କେତେ ଟଙ୍କା ଉତ୍ପାଦ ଶୁଳ୍କ ଦେବେ ?

**ସମାଧାନ :** କେଜି ପ୍ରତି ପ୍ରାରମ୍ଭିକ ମୂଲ୍ୟ = 50 ଟଙ୍କା

ଯୋଗ କରାଯାଇଥିବା ମୂଲ୍ୟ = 20 ଟଙ୍କା

ମୋଟ = 70 ଟଙ୍କା

$\therefore$ ଗୋଟିଏ ମାସ ପାଇଁ ଉତ୍ପାଦ ଶୁଳ୍କ = $\left(70 \times 100 \times 30 \times \frac{5}{100}\right)$ ଟଙ୍କା = 10,500 ଟଙ୍କା

**ଉଦାହରଣ 40.3** ଶର୍ମା ଏବଂ କମ୍ପାନୀ ପ୍ରତିଦିନ 5 ଟି ରେଜେଇ ତିଆରି କରନ୍ତି ଏବଂ ତହିଁରେ ତୁଳା (କେଜି ପ୍ରତି 100 ଟଙ୍କା) ଏବଂ କପଡା (ମିଟର ପ୍ରତି 50 ଟଙ୍କା) ବ୍ୟବହାର କରନ୍ତି । ଗୋଟିଏ ରେଜେଇ ତିଆରି ପାଇଁ 2 କିଗ୍ରା ତୁଳା ଏବଂ 5 ମିଟର କପଡା ବ୍ୟବହାର ହୁଏ । ଯଦି ତୁଳା ପାଇଁ ଉତ୍ପାଦ ଶୁଳ୍କ 8% ଏବଂ କପଡା ପାଇଁ ଉତ୍ପାଦ ଶୁଳ୍କ 10% ଏବଂ ରେଜେଇ ପାଇଁ ଉତ୍ପାଦ ଶୁଳ୍କ 12% ହୁଏ, ତେବେ ଗୋଟିଏ ମାସରେ ସରକାରଙ୍କୁ କେତେ ଟଙ୍କା ଉତ୍ପାଦ ଶୁଳ୍କ ଦିଆଯିବ ଯଦି ଗୋଟିଏ ରେଜେଇରେ 109 ଟଙ୍କା ମୂଲ୍ୟ ଯୋଗ କରନ୍ତି । ଯଦି କାରବାର (i) ସେନ୍‌ଭାଟ୍ ବିହୀନ ହୁଏ (ii) କାରବାର ସେନ୍‌ଭାଟ୍ ଯୁକ୍ତ ହୁଏ ।

**ସମାଧାନ :** ଗୋଟିଏ ରେଜେଇର ନିବେଶ ମୂଲ୍ୟ = $(2 \times 100 + 5 \times 50)$ ଟଙ୍କା

= 200 ଟଙ୍କା ତୁଳା ପାଇଁ + 250 ଟଙ୍କା କପଡା ପାଇଁ

(i) ସେନ୍‌ଭାଟ ବିନା (ଗୋଟିଏ ରେଜେଇ ପାଇଁ)

ତୁଳା = 200 ଟଙ୍କା
+ 16 ଟଙ୍କା
216 ଟଙ୍କା

କପଡା = 250 ଟଙ୍କା
+ 25 ଟଙ୍କା
275 ଟଙ୍କା





ଗୋଟିଏ ରେଜେଇ ପାଇଁ ମୋଟ = (216+275) ଟଙ୍କା = 491 ଟଙ୍କା

ମୂଲ୍ୟ ଯୋଗ ହେବ = 109 ଟଙ୍କା

ମୋଟ = 600 ଟଙ୍କା

ଉତ୍ପାଦ ଶୁଳ୍କ 12% = 72 ଟଙ୍କା

ସର୍ବମୋଟ = 672 ଟଙ୍କା

ଦିନ ପ୍ରତି 5ଟି ରେଜେଇରେ ଏକମାସରେ ଦେୟ ଉତ୍ପାଦ ଶୁଳ୍କ = $5 \times 30 \times [16 + 25 + 72] = 16950$ ଟଙ୍କା

(ii) ସେନ୍‌ଭାଟ୍ ସହ (ଗୋଟିଏ ରେଜେଇ ପାଇଁ)

ନିବେଶ ମୂଲ୍ୟ = (200+250) ଟଙ୍କା = 450 ଟଙ୍କା

ମୂଲ୍ୟ ଯୋଗ ହେବ = 109 ଟଙ୍କା

ମୋଟ = 559 ଟଙ୍କା

ଉତ୍ପାଦ ଶୁଳ୍କ 12% = 67.08 ଟଙ୍କା

ସମୁଦାୟ = 626.08 ଟଙ୍କା

ଉତ୍ପାଦ ଶୁଳ୍କ ସମୁଦାୟ ଏକ ମାସ ପାଇଁ

= $5 \times 30 \times 67.08 = 10{,}062$ ଟଙ୍କା

**ଉଦାହରଣ 40.4** ଶ୍ରୀମତୀ ଆହୁଜାଙ୍କ ସଂସ୍ଥା ପ୍ରତିଦିନ 20ଟି ମହିଳା ପୋଷାକ ତିଆରି କରନ୍ତି ଯେଉଁଥିରୁ ସେ 50% ଆମେରିକାକୁ ରପ୍ତାନୀ କରନ୍ତି ଏବଂ ଅବଶିଷ୍ଟ 50% ଦେଶୀୟ ବଜାରରେ ବିକ୍ରି କରନ୍ତି । ଗୋଟିଏ ବସ୍ତ୍ର ପାଇଁ 5 ମିଟର କପଡା ଆବଶ୍ୟକ ହୁଏ ଯାହାକୁ ସେ ମିଟର ପ୍ରତି 120 ଟଙ୍କା ରେ କିଣନ୍ତି ଏବଂ ସେ ଗୋଟିଏ ପୋଷାକର ମୂଲ୍ୟରେ 100 ଟଙ୍କା ଯୋଗ କରନ୍ତି । ଯଦି ଉତ୍ପାଦ ଶୁଳ୍କ କପଡା ଉପରେ 5% ଏବଂ ସେ ସେନ୍‌ଭାଟ କାରବାର ପ୍ରଣାଳୀ ଅବଲମ୍ବନ କରନ୍ତି, ତେବେ ସେ ମାସ ଶେଷକୁ ସରକାରଙ୍କୁ କେତେ ଟଙ୍କା ଉତ୍ପାଦ ଶୁଳ୍କ ଦେବେ ?

**ସମାଧାନ :** ଗୋଟିଏ ବସ୍ତ୍ରର ନିବେଶ ମୂଲ୍ୟ = $5 \times 120$ ଟଙ୍କା = 600 ଟଙ୍କା

ଯୋଗ ହେଉଥିବା ମୂଲ୍ୟ = 100 ଟଙ୍କା

ମୋଟ = 700 ଟଙ୍କା

ଉତ୍ପାଦ ଶୁଳ୍କ 5% = 35 ଟଙ୍କା

ସର୍ବମୋଟ = 735 ଟଙ୍କା

ଏକମାସ ପାଇଁ ଦେଉଥିବା ଉତ୍ପାଦ ଶୁଳ୍କ = $(10 \times 30 \times 35)$ ଟଙ୍କା = 10500 ଟଙ୍କା

($\because$ ରପ୍ତାନୀ ହେଉଥିବା 50% ରେ ଉତ୍ପାଦ ଶୁଳ୍କ ନାହିଁ)

**ଉଦାହରଣ 40.5** ଏକ ଚିନିକଳରେ ପ୍ରତିଦିନ 10,000 କିଗ୍ରା ଚିନି ତିଆରି ହୁଏ । କିଗ୍ରା ପ୍ରତି ନିବେଶ ମୂଲ୍ୟ 20 ଟଙ୍କା ଏବଂ ପ୍ରତି କି.ଗ୍ରା.ରେ ମୂଲ୍ୟ ଯୋଗ ହୁଏ 10 ଟଙ୍କା । ତା'ପର ମାସର 5 ତାରିଖରେ ଉତ୍ପାଦ ଶୁଳ୍କ 5% ଦିଆଯିବ । ଯଦି ବିଳମ୍ବ ପାଇଁ ଅର୍ଥଦଣ୍ଡ ମାସ ପ୍ରତି 13% କିମ୍ବା ଦିନ ପ୍ରତି 1000 ଟଙ୍କା ଯେଉଁଟି ଅଧିକ ହେବ ଦିଆଯିବ । କଳ ମାଲିକ ତା ପରମାସ 20 ତାରିଖରେ ଶୁଳ୍କ ପୈଠ କଲେ । ସେନ୍‌ଭାଟ ସହିତ କେତେ ଟଙ୍କା ଉତ୍ପାଦ ଶୁଳ୍କ ଦେବେ ?

**ସମାଧାନ :** କି.ଗ୍ରା ପ୍ରତି ନିବେଶ ମୂଲ୍ୟ = 20 ଟଙ୍କା

ମୂଲ୍ୟ ଯୋଗ ହେବ = 10 ଟଙ୍କା

ମୋଟ = 30 ଟଙ୍କା

ଶୁଳ୍କ 5% = 1.50 ଟଙ୍କା

ସର୍ବମୋଟ = 31.50 ଟଙ୍କା

ଏକମାସ ପାଇଁ ମୋଟ ଉତ୍ପାଦ ଶୁଳ୍କ = $(10{,}000 \times 30 \times 1.50)$ ଟଙ୍କା = 4,50,000 ଟଙ୍କା



ଟିପ୍ପଣୀ

ଅର୍ଥଦଣ୍ଡ = $\left(4,50,000\times\frac{13}{100}\times\frac{15}{30}\right)$ ଟଙ୍କା = 29250 ଟଙ୍କା

ମୋଟ ଦେବେ = (4,50,000+29,250) ଟଙ୍କା = 479250 ଟଙ୍କା

**ଉଦାହରଣ 40.6** ଶ୍ରୀଯୁକ୍ତ ଗୌଡା ଏବଂ କମ୍ପାନୀ ଗୋଟିଏ ମାସରେ ଟନ୍ ପ୍ରତି 18000 ଟଙ୍କା ଦାମ୍‌ରେ 2000 ଟନ୍ ଷ୍ଟିଲ ତିଆରି କରନ୍ତି ଏବଂ ଉତ୍ପାଦ ଶୁଳ୍କ 16% ଏବଂ ଶିକ୍ଷା ସେସ୍ 2% ଲାଗୁ ହୁଏ । କମ୍ପାନୀ, ଉତ୍ପାଦନର ଅଧା ଉଗାଣ୍ଡାକୁ ରପ୍ତାନୀ କରନ୍ତି । ଯଦି କମ୍ପାନୀ ଠିକ୍ ସମୟରେ ଶୁଳକ୍ ଦେଇନପାରି, ଧାର୍ଯ୍ୟ ଦିନର 20 ଦିନ ପରେ ଉତ୍ପାଦ ଶୁଳ୍କ ଦିଅନ୍ତି, ତେବେ ସେ କେତେ ଟଙ୍କା ଉତ୍ପାଦ ଶୁଳ୍କ ଦେବେ ?

**ସମାଧାନ :** ପ୍ରତି ମାସରେ ତିଆରି ହେଉଥିବା ଷ୍ଟିଲ୍‌ର ପରିମାଣ = 2000 ଟନସ୍

ଉତ୍ପାଦ ଶୁଳ୍କ ଲାଗୁଥିବା ଷ୍ଟିଲର ପରିମାଣ = 1000 ଟନ

ଦାମ୍ = (1000×18000) ଟଙ୍କା = 18,0,00,000 ଟଙ୍କା

ଶୁଳ୍କ 16% = 2880000 ଟଙ୍କା

ଶିକ୍ଷା ସେସ୍ 2% = 57600 ଟଙ୍କା

ମୋଟ = 2937600 ଟଙ୍କା

ଜୋରିମାନା = $\left(2937600\times\frac{13}{100}\times\frac{20}{30}\right)$ ଟଙ୍କା =254592 ଟଙ୍କା

ମୋଟ ଦେୟ = (2937600+254592) ଟଙ୍କା = 3192192 ଟଙ୍କା

**ଉଦାହରଣ 40.7** ସିଂ ଏବଂ କମ୍ପାନୀ ପ୍ରତିଦିନ 200 କିଗ୍ରାର ଷ୍ଟିଲ ବାସନ ତିଆରି କରନ୍ତି ଏବଂ ନିବେଶ କରନ୍ତି 10,000 ଟଙ୍କା । ଉତ୍ପାଦ ଶୁଳ୍କ 16% ଏବଂ ଶିକ୍ଷା ସେସ୍ 2% । ଯଦି ଧାର୍ଯ୍ୟ ତାରିଖର 10 ଦିନ ପରେ ଶୁଳ୍କ ପୈଠ କରନ୍ତି, ତେବେ ସେ କେତେ ଟଙ୍କା ଅର୍ଥଦଣ୍ଡ ଦେବେ ?

**ସମାଧାନ :** ନିବେଶ ମୂଲ୍ୟ = 10,000 ଟଙ୍କା

ଶୁଳ୍କ 16% = 1600 ଟଙ୍କା

ଶିକ୍ଷା ସେସ୍ 2% = 32 ଟଙ୍କା

ମୋଟ = 1632 ଟଙ୍କା

ଜୋରିମାନା = $\left(1632\times\frac{13}{100}\times\frac{10}{30}\right)$ ଟଙ୍କା = 70·72 ଟଙ୍କା

ଯାହା 10×1000 ଟଙ୍କା = 10000 ଟଙ୍କା ଠାରୁ କମ୍

(@ 1000 ଟଙ୍କା)

∴ ସେ ଜୋରିମାନା 10,000 ଟଙ୍କା ଦେବେ ।

**ଉଦାହରଣ 40.8** ସିଂଗଲା ଉଦ୍ୟୋଗ ପ୍ରତିଦିନ 10 କିଗ୍ରା ଠିପି ବନ୍ଦ କରିବା ଅଠା ତିଆରି କରନ୍ତି 150 ଟଙ୍କା ନିବେଶ କରି । କମ୍ପାନୀ କିଗ୍ରା ପ୍ରତି 10 ଟଙ୍କା ଯୋଗ କରନ୍ତି । ଉତ୍ପାଦ ଶୁଳ୍କ 16% । ଏକମାସ ପରେ ସେ କେତେ ଟଙ୍କା ଉତ୍ପାଦ ଶୁଳ୍କ ଦେବେ ନିର୍ଣ୍ଣୟ କର ।

(i) ସେନଭାଟ୍ ସହିତ (ii) ସେନଭାଟ୍ ରହିତ

**ସମାଧାନ :** (i) ସେନ୍‌ଭାଟ୍ ସହିତ :

ନିବେଶ ମୂଲ୍ୟ = 150 ଟଙ୍କା

ମୂଲ୍ୟଯୋଗ ହେବ = (10×10) ଟଙ୍କା = 100 ଟଙ୍କା

ମୋଟ = 250 ଟଙ୍କା

ଶୁଳ୍କ 16% = 40 ଟଙ୍କା

ସର୍ବମୋଟ = 290 ଟଙ୍କା

ଏକମାସ ପାଇଁ ଶୁଳ୍କ = 40×30 ଟଙ୍କା = 1200 ଟଙ୍କା

(ii) ସେନ୍‌ଭାଟ୍ ରହିତ :

ନିବେଶ ମୂଲ୍ୟ = 150 ଟଙ୍କା

ଶୁଳ୍କ 16% = 24 ଟଙ୍କା

ମୋଟ = 174 ଟଙ୍କା

ମୂଲ୍ୟଯୋଗ ହେବ = 100 ଟଙ୍କା

ସର୍ବମୋଟ = 274 ଟଙ୍କା

ଶୁଳ୍କ 16% = 43.84 ଟଙ୍କା

ମୋଟ = 317.84 ଟଙ୍କା

ଏକମାସ ପାଇଁ ମୋଟ ଶୁଳ୍କ = (43.84+24.00) ଟଙ୍କା ×30 = 2035.20 ଟଙ୍କା

∴ ସେନ୍‌ଭାଟ୍ ସହିତ ଗ୍ରାହକ ଲାଭବାନ ହେବେ ।

## ଆସ ନିଜେ ନିଜକୁ ପରଖିବା 40.1

1. ଗୋଟିଏ ସୂତାକଳ ଦିନକୁ 100 କିଗ୍ରା ସୂତା ଏବଂ 118 କିଗ୍ରା ନାଇଲନ୍ ତିଆରି କରେ । ସୂତା ଏବଂ ନାଇଲନ୍‌ର ଉତ୍ପାଦନ ଦାମ୍ କିଗ୍ରା ପ୍ରତି ଯଥାକ୍ରମେ 18.50 ଟଙ୍କା ଏବଂ 23.69 ଟଙ୍କା । ଯଦି ସୂତା ପାଇଁ ଉତ୍ପାଦ ଶୁଳ୍କ 8% ଏବଂ ନାଇଲନ୍ ପାଇଁ ଉତ୍ପାଦ ଶୁଳ୍କ 10% ହୁଏ, ତେବେ କଳ ମାଲିକ ପ୍ରତି ମାସ ଶେଷରେ କେତେ ଟଙ୍କା ଉତ୍ପାଦ ଶୁଳ୍କ ଦେବେ ?
2. କୋହଲି ଗାରମେଣ୍ଟସ୍, ରେଡିମେଡ୍ ପୋଷାକ ତିଆରି କରନ୍ତି । ସେଠାରେ ମିଟର ପ୍ରତି 60 ଟଙ୍କା ଦରରେ ପ୍ରତିଦିନ 50 ମିଟର କପଡା ବ୍ୟବହାର କରାଯାଏ । 50 ମିଟର କପଡାରୁ ସେ 30ଟି ଫ୍ରକ୍ ତିଆରି କରନ୍ତି ଏବଂ ସେଗୁଡ଼ିକୁ ସେ ଫ୍ରକ୍ ପ୍ରତି 50 ଟଙ୍କା ଯୋଗ କରି ବିକ୍ରି କରନ୍ତି । ଯଦି ଫ୍ରକ୍ ଉପରେ ଉତ୍ପାଦ ଶୁଳ୍କ 10% ହୁଏ ଏବଂ ସେନଭାଟ୍‌ରେ କାରବାର କରାଯାଏ, ତେବେ କମ୍ପାନୀ ପ୍ରତିମାସରେ ସମୁଦାୟ କେତେ ଟଙ୍କା ଉତ୍ପାଦ ଶୁଳ୍କ ସରକାରଙ୍କୁ ଦେବେ ହିସାବ କର ।
3. ଗୁପ୍ତା ଏବଂ ସନ୍ସ ଦୁଇଟି ଫ୍ୟାକ୍ଟରୀରେ ପ୍ଲାଷ୍ଟିକ ବ୍ୟାଗ ତିଆରି କରନ୍ତି । ସେଥିରୁ ଗୋଟିଏ ବିଶେଷ ଅର୍ଥନୀତି ପରିସର (SEZ) ମଧ୍ୟରେ ଅଛି । ଉଭୟ ଫ୍ୟାକ୍ଟରୀ ସମାନ ପରିମାଣର ବ୍ୟାଗ ତିଆରି କରନ୍ତି, ଅର୍ଥାତ୍ ପ୍ରତିଦିନ 100 କିଗ୍ରା. । ଯଦି ଉତ୍ପାଦ ଶୁଳ୍କ 20% ନିଆଯାଏ ଏବଂ କମ୍ପାନୀ ଦେଉଥିବା ଉତ୍ପାଦ ଶୁଳ୍କକୁ ଅନ୍ତର୍ଭୁକ୍ତ କରି ଏହି ବ୍ୟାଗ ଗୁଡିକୁ କିଗ୍ରା ପ୍ରତି 60 ଟଙ୍କା ରେ ବିକ୍ରି କରାଯାଏ, ତେବେ ମାସ ଶେଷରେ କେତେ ଉତ୍ପାଦ ଶୁଳ୍କ ଦେବାକୁ ହେବ ?
4. ଶ୍ରୀମତୀ ମେହେଟା ତାଙ୍କ ଫ୍ୟାକ୍ଟରୀରେ ଦିନକୁ 1000 କିଗ୍ରା ବିସ୍କୁଟ ତିଆରି କରନ୍ତି । ସେ କିଗ୍ରା ପ୍ରତି MRP 80 ଟଙ୍କା ସ୍ଥିର କରିଛନ୍ତି ଏବଂ ବିସ୍କୁଟରେ 50% ଛାଡ (Abatement) ପାଉଛନ୍ତି । ଯଦି ବିସ୍କୁଟ ପାଇଁ ଉତ୍ପାଦ ଶୁଳ୍କ 16% ହୁଏ, ସେ ମାସ ଶେଷକୁ କେତେ ଟଙ୍କା ଉତ୍ପାଦ ଶୁଳ୍କ ଦେବେ ହିସାବ କର ।
5. ଗୋଟିଏ କମ୍ପାନୀ ଦିନକୁ 10ଟି ରେଫ୍ରିଜରେଟର ତିଆରି କରନ୍ତି @ 21500 ଟଙ୍କା । ଯଦି ଉତ୍ପାଦ ଶୁଳ୍କ 10% ଦେବାକୁ ହୁଏ ଏବଂ 20% ଛାଡ (Abatement) ମିଳେ, ତେବେ ମାସ ଶେଷକୁ କମ୍ପାନୀ କେତେ ଟଙ୍କା ଉତ୍ପାଦ ଶୁଳ୍କ ଦେବ ?

### 40.3.5 ସୀମା ଶୁଳ୍କ (Customs Duty) :

ସୀମା ଶୁଳ୍କ ଏକ ପ୍ରକାରର ପରୋକ୍ଷ କର । ସାଧାରଣ ଇଂରାଜୀ ଅଭିଧାନରେ ''କଷ୍ଟମ''ର ସଂଜ୍ଞା ହେଲା ଆମଦାନୀ ବା କେତେକ କ୍ଷେତ୍ରରେ ରପ୍ତାନୀ ହେଉଥିବା ବସ୍ତୁ ଉପରେ ଲାଗୁଥିବା ଶୁଳ୍କ । ଏହି ପଦ ସାଧାରଣତଃ ସେହି



ଟିପ୍ପଣୀ

କର ପାଇଁ ପ୍ରୟୋଗ ହୁଏ ଯେଉଁ ଗୁଡିକ ଆମଦାନୀ କିମ୍ବା ରପ୍ତାନୀ କ୍ଷେତ୍ରରେ ଦିଆଯାଏ । ଏହାର ସଂଜ୍ଞା ମଧ୍ୟ ହେଉଛି ସରକାର ଆମଦାନୀ ହେଉଥିବା ବସ୍ତୁଗୁଡିକ ଉପରେ ଲଗାଉଥିବା କର । 1962 ମସିହାରେ କଷ୍ଟମ ଆକ୍ଟ, ବେଆଇନ ଆମଦାନୀ ଏବଂ ରପ୍ତାନୀ ହେଉଥିବା ବସ୍ତୁ ଗୁଡିକର କାରବାର ବନ୍ଦ ପାଇଁ ତିଆରି କରାଗଲା । ଏହା ବ୍ୟତୀତ ଆମଦାନୀ ହେଉଥିବା ବସ୍ତୁ ଗୁଡିକୁ ସୀମା ଶୁଳ୍କର ଅନ୍ତର୍ଭୁକ୍ତ କରାଗଲା ଯେପରି ଦେଶୀୟ ଉଦ୍ୟୋଗ ଗୁଡିକ ସୁରକ୍ଷା ପାଇପାରିବେ ।

### 40.3.6 ସୀମା ଶୁଳ୍କ ଉପରେ ଅତିରିକ୍ତ ସୂଚନା

**ଶିକ୍ଷା ସେସ୍ @ 2% :** ଭାରତକୁ ଆମଦାନୀ ହେଉଥିବା ସମସ୍ତ ବସ୍ତୁ ଉପରେ 10.09.2004 ରୁ ଶିକ୍ଷା ସେସ୍ ଲାଗୁ କରାଗଲା । ବସ୍ତୁ ଗୁଡିକରୁ ନିଆ ହେଉଥିବା ସମୁଦାୟ ସୀମା ଶୁଳ୍କ ଉପରେ ଏହି ଶିକ୍ଷା ସେସ୍ @ 2% ନିଆଯାଏ ।

**ପିଲ୍‌ଫର ବା ଚୋରି ହୋଇଥିବା ବସ୍ତୁ ପାଇଁ କୌଣସି ଶୁଳ୍କ ନଥାଏ :** ଯଦି କୌଣସି ଆମଦାନୀ ହୋଇଥିବା ବସ୍ତୁ ଜାହାଜରୁ ଓହ୍ଲାଇ ସାରିବା ପରେ ଏବଂ ଘରେ ବ୍ୟବହାର କରିବା ପାଇଁ ବା ଗୋଦାମ ଘରେ ରଖିବା ପାଇଁ ଉପଯୁକ୍ତ ଅଧିକାରୀଙ୍କ ଠାରୁ ତନଖି ଅନୁମତି ପାଇବା ପୂର୍ବରୁ ଚୋରି ହୋଇ ଯାଇଥାଏ, ତେବେ ଆମଦାନୀ କରିଥିବା ବ୍ୟକ୍ତି ସେହି ବସ୍ତୁ ପାଇଁ ସୀମା ଶୁଳ୍କ ଦେବାକୁ ବାଧ୍ୟ ନୁହଁନ୍ତି । ଶବ୍ଦ 'ପିଲ୍‌ଫର' ଅର୍ଥ ଛୋଟ ଚୋରୀ ।

**ନଷ୍ଟ ହୋଇଥିବା ବସ୍ତୁ ପାଇଁ ସୀମା ଶୁଳ୍କ ରିହାତି :** ଶବ୍ଦ ''ଡ୍ୟାମେଜ୍''ର ଅର୍ଥ ବସ୍ତୁଟିର ଭୌତିକ ଅବସ୍ଥା ନଷ୍ଟ ହେବା । ଏହାର ଅର୍ଥ ବସ୍ତୁ ଯେଉଁ ଉଦ୍ଦେଶ୍ୟ ପାଇଁ ଆସିଥିଲା, ସେଥିପାଇଁ ବ୍ୟବହାର ଉପଯୋଗୀ ହୋଇପାରିବ ନାହିଁ । ତେଣୁ ନଷ୍ଟ ହୋଇଥିବା ବସ୍ତୁ ଲାଗୁ ସୀମା ଶୁଳ୍କରେ କିଛି ଶତକଡା କମିଯାଏ ।

**ଛାଡ (Exemption) :** ଭାରତୀୟ ସମ୍ବିଧାନର ଧାରା 265 ଅନୁସାରେ ଆଇନସିଦ୍ଧ ଅଧିକାରୀଙ୍କ ବ୍ୟତୀତ ଅନ୍ୟ କାହାଦ୍ୱାରା ସୀମା ଶୁଳ୍କ ଲଗାଯାଇପାରିବ ନାହିଁ କି ଆଦାୟ ମଧ୍ୟ କରାଯାଇପାରିବ ନାହିଁ । କେନ୍ଦ୍ର ସରକାରଙ୍କ ସୀମା ଶୁଳ୍କ ରେଟ୍ ଢାଞ୍ଚାରେ ପରିବର୍ତ୍ତନ କରିବାର ଆଇନ୍ ପ୍ରଣୟନ କ୍ଷମତା ହେଉଛି ସଂସଦ ପ୍ରଦତ୍ତ ଏବଂ ଏହି କ୍ଷମତା ସର୍ବଦା ପାର୍ଲିଆମେଣ୍ଟର ନିରୀକ୍ଷଣରେ ରହିଥାଏ । ଯଦି କେନ୍ଦ୍ର ସରକାର ସନ୍ତୁଷ୍ଟ ହେବ ଯେ ଏହା ଜନସାଧାରଣଙ୍କ ହିତ ପାଇଁ ଆବଶ୍ୟକ, ତେବେ ସେ ସମ୍ପୂର୍ଣ୍ଣ ସୀମା ଶୁଳ୍କ କିମ୍ବା ସୀମା ଶୁଳ୍କର କିଛି ଅଂଶ ଛାଡ କରିପାରିବେ ।

**ଅତିରିକ୍ତ ସୀମା ଶୁଳ୍କ :** ଏପର୍ଯ୍ୟନ୍ତ ଦେଖିଲେ ଯେ, ବସ୍ତୁ ମୂଲ୍ୟର କିଛି ଶତକଡା ସୀମା ଶୁଳ୍କ ଆକାରରେ ଲାଗୁ କରାଯାଏ । ନିମ୍ନ ଉଦାହରଣରେ ଅତିରିକ୍ତ ସୀମା ଶୁଳ୍କର ହିସାବ କିପରି କରାଯାଏ ତାହା ବର୍ଣ୍ଣନା କରାଗଲା ।

ଶୁଳ୍କ ଧାର୍ଯ୍ୟ ଉପଯୋଗୀ ମୂଲ୍ୟ 1,000 ଟଙ୍କା

ମୂଳ ସୀମା ଶୁଳ୍କର ହାର 25%

ଅତିରିକ୍ତ ସୀମା ଶୁଳ୍କର ହାର 16%

1000 ଟଙ୍କାର ମୂଳ ସୀମା ଶୁଳ୍କ @ 25% = 250 ଟଙ୍କା

ଅତିରିକ୍ତ ସୀମା ଶୁଳ୍କର ହିସାବ ପାଇଁ ସମୁଦାୟ ମୂଲ୍ୟ = 1250 ଟଙ୍କା

ଅତିରିକ୍ତ ସୀମା ଶୁଳ୍କ (1250 ଟଙ୍କାର 16%) = 200 ଟଙ୍କା

ମୋଟ ସୀମା ଶୁଳ୍କ ଦେୟ = 250+200 = 450 ଟଙ୍କା

**ଉଦାହରଣ 40.9** ଚଢ଼ା ଏବଂ ଚଢ଼ା ଗ୍ରୁପ୍ ଅଫ୍ କମ୍ପାନୀ 10 କୋଟି ଟଙ୍କାର ଷ୍ଟିଲ୍ ଆମଦାନୀ କଲେ ଏବଂ ଷ୍ଟିଲ୍ ଉପରେ ଲାଗୁଥିବା ସୀମା ଶୁଳ୍କ ହେଉଛି 10% । ଯଦି ସୀମା ଶୁଳ୍କ ଉପରେ ଅତିରିକ୍ତ 2% ଶିକ୍ଷା ସେସ୍ ଲାଗୁ ହୁଏ, ତେବେ ସେ ଏହି କାରବାରରେ ମୋଟ କେତେ ଟଙ୍କା ସୀମା ଶୁଳ୍କ ଦେବେ ?

**ସମାଧାନ :** ଆମଦାନୀ ହୋଇଥିବା ଷ୍ଟିଲ୍‌ର ମୋଟ ମୂଲ୍ୟ = 100000000 ଟଙ୍କା

ସୀମା ଶୁଳ୍କ ଲାଗୁହୁଏ @ 10% $= 100000000 \times \frac{10}{100}$ ଟଙ୍କା = 1000000 ଟଙ୍କା

ଶିକ୍ଷା ସେସ୍ = $10000000 \times \frac{2}{100}$ ଟଙ୍କା = 200,000 ଟଙ୍କା

କମ୍ପାନୀ ଦ୍ୱାରା ସମୁଦାୟ ଶୁଳ୍କ ଦେୟ = 102,00,000 ଟଙ୍କା

**ବିକଳ୍ପ-II**

**ବାଣିଜ୍ୟ, ଅର୍ଥଶାସ୍ତ୍ର ତଥା ବ୍ୟବସାୟ ପାଇଁ ଗଣିତ**



**ଟିପ୍ପଣୀ**

**ଉଦାହରଣ 40.10** ରାମ କୁମାର ଲଣ୍ଡନରୁ କ୍ୱିଣ୍ଟାଲ ପ୍ରତି 500 ପାଉଣ୍ଡ ରେଟ୍‌ରେ 25 କ୍ୱିଣ୍ଟାଲ ଫାଇବର ଆମଦାନୀ କଲେ । ଫାଇବର ଉପରେ ଲାଗୁଥିବା ସୀମା ଶୁଳ୍କ ହେଉଛି 40% । ସେ ସରକାରଙ୍କୁ କେତେ ଟଙ୍କା ସୀମା ଶୁଳ୍କ ଦେବେ ନିର୍ଣ୍ଣୟ କର, ଯଦି ସୀମା ଶୁଳ୍କ ଉପରେ 2% ଶିକ୍ଷା ସେସ୍ ଲାଗୁ କରାଯାଏ । (1 ପାଉଣ୍ଡ = 80 ଟଙ୍କା ନିଆଯାଉ)

**ସମାଧାନ :** ଫାଇବରର ମୋଟ ମୂଲ୍ୟ = 25×500×80 ଟଙ୍କା

= 10,00,000 ଟଙ୍କା

ସୀମା ଶୁଳ୍କ = $10{,}00{,}000 \times \frac{40}{100}$ ଟଙ୍କା = 400,000 ଟଙ୍କା

ଶିକ୍ଷା ସେସ୍ (2%) = 8000 ଟଙ୍କା

ମୋଟ ଦେୟ ଟଙ୍କା = 408000 ଟଙ୍କା

**ଉଦାହରଣ 40.11** ଶ୍ରୀଯୁକ୍ତ ପ୍ରସାଦ ଦିନକୁ 700 କିଗ୍ରା ଚିନି ଆମଦାନୀ କରନ୍ତି @ 20 ଟଙ୍କା କିଗ୍ରା ପ୍ରତି । ଚିନି ଉପରେ ସୀମା ଶୁଳ୍କ ହେଉଛି 20% । ସେ ମାସକୁ କେତେ ଟଙ୍କା ସୀମା ଶୁଳ୍କ ଦେବେ ଯଦି ସୀମା ଶୁଳ୍କ ଉପରେ 2% ଶିକ୍ଷା ସେସ୍ ଲାଗୁ କରାଯାଏ ।

**ସମାଧାନ :** ଦିନପ୍ରତି ଆମଦାନୀର ମୋଟ ଦାମ୍ = (700×20) ଟଙ୍କା = 14000 ଟଙ୍କା

ସୀମା ଶୁଳ୍କ = $14000 \times \frac{20}{100}$ ଟଙ୍କା = 2800 ଟଙ୍କା

ମାସକୁ ସୀମା ଶୁଳ୍କ = 2800×30 ଟଙ୍କା = 84000 ଟଙ୍କା

ଶିକ୍ଷା ସେସ୍ (2%) = 1680 ଟଙ୍କା

ସମୁଦାୟ = 85680 ଟଙ୍କା

**ଉଦାହରଣ 40.12** ଶ୍ରୀଯୁକ୍ତ କୁମାର 50 କି.ଗ୍ରା. ଚକ୍‌ଲେଟ୍ @ 250 ଟଙ୍କା କି.ଗ୍ରା. ପ୍ରତି, 80 କି.ଗ୍ରା. ବିସ୍କୁଟ୍ @ 400 ଟଙ୍କା, କି.ଗ୍ରା. ପ୍ରତି ଏବଂ ଏକ କ୍ୱିଣ୍ଟାଲ ଅଠା @ 200 ଟଙ୍କା କି.ଗ୍ରା. ପ୍ରତି ଆମଦାନୀ କଲେ । ପରିବହନବେଳେ 25% ଚକ୍‌ଲେଟ୍, 10% ବିସ୍କୁଟ ଏବଂ 15% ଅଠା ନଷ୍ଟ ହୋଇଗଲା । ଏହି ସମସ୍ତ ଜିନିଷ ପାଇଁ ସୀମା ଶୁଳ୍କ 25%, କିନ୍ତୁ ନଷ୍ଟ ଜିନିଷ ପାଇଁ ଶୁଳ୍କ 5% । ଏହି କାରବାର ପାଇଁ ସେ କେତେ ଟଙ୍କା ସୀମା ଶୁଳ୍କ ଦେବେ ଯଦି ସୀମା ଶୁଳ୍କ ଉପରେ 2% ଶିକ୍ଷା ସେସ୍ ଲାଗୁ ହେବ ।

**ସମାଧାନ :** **ନଷ୍ଟ ହୋଇଥିବା ଦ୍ରବ୍ୟ** | **ନଷ୍ଟ ହୋଇନଥିବା ଦ୍ରବ୍ୟ**

| ନଷ୍ଟ ହୋଇଥିବା ଦ୍ରବ୍ୟ | ନଷ୍ଟ ହୋଇନଥିବା ଦ୍ରବ୍ୟ |
|---|---|
| ଚକ୍‌ଲେଟସ୍ $= 50 \times \frac{25}{100} = 12{\cdot}5$ କି.ଗ୍ରା. | ଚକ୍‌ଲେଟସ୍ = 37.5 କି.ଗ୍ରା. |
| ବିସ୍କୁଟସ୍ $= 80 \times \frac{10}{100} = 8$ କି.ଗ୍ରା. | ବିସ୍କୁଟସ୍ = 72 କି.ଗ୍ରା. |
| ଅଠା $= 100 \times \frac{15}{100} = 15$ କି.ଗ୍ରା. | ଅଠା = 85 କି.ଗ୍ରା. |

ଦାମ୍ = (12·5×250+8×400+15×200) ଟଙ୍କା = 9325 ଟଙ୍କା (ନଷ୍ଟ ଦ୍ରବ୍ୟ)

ଦାମ୍ = (37·5×250+72×400+85×200) ଟଙ୍କା = 55175 ଟଙ୍କା (ନଷ୍ଟ ନହୋଇଥିବା ଦ୍ରବ୍ୟ)

∴ ଶୁଳ୍କ = $\left(9325 \times \frac{5}{100} + 55175 \times \frac{25}{100}\right)$ ଟଙ୍କା = 14726·25 ଟଙ୍କା

ଶିକ୍ଷା ସେସ୍ = 295 ଟଙ୍କା

ମୋଟ = 15021·25 ଟଙ୍କା



ଟିପ୍ପଣୀ

**ଉଦାହରଣ 40.13** ଶ୍ରୀଯୁକ୍ତ ମେହେଟା ଜାପାନ୍‌ରୁ 5ଟି T.V. ସେଟ୍ @ $ 240 ସେଟ୍ ପ୍ରତି, 10ଟି ଡିସ୍‌ୱାସର @$ 400 ଗୋଟି ପ୍ରତି ଏବଂ 25 କମ୍ପ୍ୟୁଟର @$ 500 ଗୋଟି ପ୍ରତି ଆମଦାନୀ କଲେ । T.V ଉପରେ ସୀମା ଶୁଳ୍କ 25%, ଡିସ ୱାସର ଉପରେ ସୀମା ଶୁଳ୍କ 30% ଏବଂ କମ୍ପ୍ୟୁଟର ପାଇଁ ସୀମା ଶୁଳ୍କ ଛାଡ । ସେ ସମୁଦାୟ କେତେ ଟଙ୍କା ସୀମା ଶୁଳ୍କ ଦେବେ, ଯଦି ସୀମା ଶୁଳ୍କ ଉପରେ 2% ଶିକ୍ଷା ସେସ୍ ଲାଗୁ ହେବ ($ 1 = Rs.45 ନିଅ) ?

**ସମାଧାନ :** 5ଟି TV ପାଇଁ ସୀମା ଶୁଳ୍କ

$$= \left(5 \times 240 \times 45 \times \frac{25}{100}\right) \text{ ଟଙ୍କା} = 13500 \text{ ଟଙ୍କା}$$

10ଟି ଡିସ୍ ୱାସର ପାଇଁ ସୀମା ଶୁଳ୍କ

$$= \left(10 \times 400 \times 45 \times \frac{30}{100}\right) \text{ ଟଙ୍କା} = 54000 \text{ ଟଙ୍କା}$$

କମ୍ପ୍ୟୁଟର ଉପରେ ସୀମା ଶୁଳ୍କ ନାହିଁ

ମୋଟ ଶୁଳ୍କ ଦେୟ = 67500 ଟଙ୍କା

ଶିକ୍ଷା ସେସ୍ 2% = 1350 ଟଙ୍କା

$\therefore$ ସର୍ବମୋଟ = 68850 ଟଙ୍କା

**ଉଦାହରଣ 40.14** ଶ୍ରୀଯୁକ୍ତ ଗୁପ୍ତା 20 କ୍ୱିଣ୍ଟାଲ ପ୍ୟାକେଟ୍ ଖାଦ୍ୟ @ 20 ଟଙ୍କା କିଗ୍ରା ପ୍ରତି ଆମଦାନୀ କଲେ । ଏହା ଉପରେ ଲାଗୁଥିବା ସୀମା ଶୁଳ୍କ 25% ଏବଂ ଅତିରିକ୍ତ ଶୁଳ୍କ 16% । ଯଦି ପ୍ୟାକେଟ୍ ଖାଦ୍ୟର 10% ଚୋରି ହୋଇଯାଏ, ତେବେ ସେ ସରକାରଙ୍କୁ କେତେ ଟଙ୍କା ସୀମା ଶୁଳ୍କ ଦେବେ ନିର୍ଣ୍ଣୟ କର, ଦିଆଯାଇଛି ଯେ ସୀମା ଶୁଳ୍କ ଉପରେ 2% ଶିକ୍ଷା ସେସ୍ ଲାଗୁ କରାଯାଏ ।

**ସମାଧାନ :** ଚୋରି ହୋଇଥିବା ଦ୍ରବ୍ୟର ପରିମାଣ = 2 କ୍ୱିଣ୍ଟାଲ

ଅବଶିଷ୍ଟ = 18 କ୍ୱିଣ୍ଟାଲ

ଦାମ୍ = (18×2000) ଟଙ୍କା = 36000 ଟଙ୍କା

ସୀମା ଶୁଳ୍କ (25%) = 9000 ଟଙ୍କା

ମୋଟ = 45000 ଟଙ୍କା

ଅତିରିକ୍ତ ଶୁଳ୍କ (16%) = $45400 \times \frac{16}{100}$ ଟଙ୍କା = 7200 ଟଙ୍କା

ମୋଟ ଶୁଳ୍କ ଦେୟ = (9000+7200) ଟଙ୍କା = 16200 ଟଙ୍କା

ଶିକ୍ଷା ସେସ୍ (2%) = 324 ଟଙ୍କା

ସର୍ବମୋଟ = 16524 ଟଙ୍କା

**ଉଦାହରଣ 40.15** ଶ୍ରୀଯୁକ୍ତ ଖୁରାନା 200 କିଗ୍ରା କାଜୁ ଆମଦାନୀ କଲେ ଯେଉଁଥିରେ 50% ଚୋପାନଥିବା (shelled) ଏବଂ 50% ଚୋପାଥିବା ଅନ୍ତର୍ଭୁକ୍ତ ଏବଂ 100 କିଗ୍ରା ପେସ୍ତା ବାଦାମ ଯେଉଁଥିରେ 50% ଚୋପାନଥିବା ଓ 50% ଚୋପାଥିବା ଅନ୍ତର୍ଭୁକ୍ତ । ଚୋପାନଥିବା ଦ୍ରବ୍ୟର ସୀମା ଶୁଳ୍କ 70% ଏବଂ ଚୋପାଥିବା ଦ୍ରବ୍ୟ ଉପରେ ଶୁଳ୍କ 60% । ଚୋପାଥିବା କାଜୁର କିଗ୍ରା ପ୍ରତି ଦର 200 ଟଙ୍କା ଏବଂ ଚୋପାନଥିବା କାଜୁ କିଗ୍ରା ପ୍ରତି ଦର 250 ଟଙ୍କା । ଚୋପାନଥିବା ପେସ୍ତାର କିଗ୍ରା ପ୍ରତି ଦର 300 ଟଙ୍କା ଏବଂ ଚୋପାନଥିବା ପେସ୍ତା କିଗ୍ରା ପ୍ରତି ଦର 350 ଟଙ୍କା । ଯଦି ଚୋପାନଥିବା ଦ୍ରବ୍ୟର ଅତିରିକ୍ତ ଶୁଳ୍କ 25% ଓ ଯଦି ଦ୍ରବ୍ୟ ଗୁଡିକ ମଧ୍ୟରୁ 10% ଚୋରି ହୋଇଥାଏ ଏବଂ ସୀମା ଶୁଳ୍କ ଉପରେ 2% ଶିକ୍ଷା ସେସ୍ ଲାଗୁ ହୁଏ, ତେବେ ଶ୍ରୀଯୁକ୍ତ ଖୁରାନା କେତେ ଟଙ୍କା ସୀମା ଶୁଳ୍କ ଦେବେ ?

**ସମାଧାନ :** ଚୋପାନଥିବା କାଜୁର ଦାମ୍ = (100×250) ଟଙ୍କା = 25000 ଟଙ୍କା

ଟିପ୍ପଣୀ

ଶୁଳ୍କ $= 25000 \times \frac{70}{100}$ ଟଙ୍କା = 17500 ଟଙ୍କା

ମୋଟ = 42500 ଟଙ୍କା

ଅତିରିକ୍ତ ଶୁଳ୍କ (25%) = $\left(42500 \times \frac{25}{100}\right)$ ଟଙ୍କା = 10625 ଟଙ୍କା

ଏଥିରେ ମୋଟ ଶୁଳ୍କ = 28125 ଟଙ୍କା ... (i)

ଚୋପାଥିବା କାଜୁ ଉପରେ ଶୁଳ୍କ

$= \left(100 \times 200 \times \frac{60}{100}\right)$ ଟଙ୍କା = 12000 ଟଙ୍କା ... (ii)

ଚୋପା ନଥିବା ପେସ୍ତାର ଦାମ୍ = 350×50 ଟଙ୍କା = 17500 ଟଙ୍କା

ଶୁଳ୍କ (70%) = $17500 \times \frac{70}{100}$ ଟଙ୍କା = 12250 ଟଙ୍କା

ମୋଟ = 29750 ଟଙ୍କା

ଅତିରିକ୍ତ ଶୁଳ୍କ (25%) = $\left(29750 \times \frac{25}{100}\right)$ ଟଙ୍କା = 7437·50 ଟଙ୍କା

ଚୋପାନଥିବା ପେସ୍ତାରେ ମୋଟ ଶୁଳ୍କ

= 19687.50 ଟଙ୍କା ... (iii)

ଚୋପାଥିବା ପେସ୍ତାରେ ଶୁଳ୍କ

$= \left(300 \times 50 \times \frac{60}{100}\right)$ ଟଙ୍କା = 9000 ଟଙ୍କା ... (iv)

(i), (ii), (iii) ଏବଂ (iv) କୁ ଯୋଗ କଲେ ପାଇବା

ମୋଟ = 68812.50 ଟଙ୍କା

ଶିକ୍ଷା ସେସ୍ = 1376.25 ଟଙ୍କା

ସର୍ବମୋଟ = 70188.75 ଟଙ୍କା ≈ 70189 ଟଙ୍କା

## ଆସ ନିଜେ ନିଜକୁ ପରଖିବା 40.2

1. କିଶୋରୀ ଲାଲ୍ ଏବଂ ସନ୍ସ 100 କ୍ୱିଣ୍ଟାଲ ଗହମ @ 1000 ଟଙ୍କା କ୍ୱିଣ୍ଟାଲ ପ୍ରତି, ଆମଦାନୀ କଲେ ଏବଂ ଗହମ ଉପରେ ସୀମା ଶୁଳ୍କ ଲାଗୁ ହେଲା 35% । ଯଦି ଆମଦାନୀ ଗହମର 5% ଚୋରି ହୋଇଗଲା ଏବଂ ଯଦି ସୀମା ଶୁଳକ୍ ଉପରେ 2% ଶିକ୍ଷା ସେସ୍ ଲାଗୁ ହୁଏ, ତେବେ ସେ କେତେ ଟଙ୍କା ସୀମା ଶୁଳ୍କ ଦେବେ ? (ଟୀକା : ଚୋରି ଦ୍ରବ୍ୟ ଉପରେ ସୀମା ଶୁଳ୍କ ଦିଆଯିବ ନାହିଁ)

2. ଶ୍ରୀଯୁକ୍ତ ଗୁଲାଟୀ 90 କିଗ୍ରା ଗହମ @ 10 ଟଙ୍କା କିଗ୍ରା ପ୍ରତି ଏବଂ 120 କିଗ୍ରା ଚାଉଳ @ 20 ଟଙ୍କା କିଗ୍ରା ପ୍ରତି ଆମଦାନୀ କଲେ । ଗହମ ଉପରେ ସୀମା ଶୁଳ୍କ 35% ଏବଂ ଚାଉଳ ଉପରେ ସୀମା ଶୁଳ୍କ 20% । ଯଦି ସୀମା ଶୁଳ୍କ ଉପରେ 2% ଶିକ୍ଷା ସେସ୍ ଲାଗୁ ହୁଏ, ତେବେ ସେ ସମୁଦାୟ କେତେ ଟଙ୍କା ଶୁଳ୍କ ଦେବେ ?

3. ମୋତି ଲାଲ୍ ଏବଂ କମ୍ପାନୀ 10,000 ଟଙ୍କା କୋଟିର ପ୍ରଧାନ ଉପକରଣ ଆମଦାନୀ କଲେ । ସେ ସେଗୁଡିକୁ 50:50 ଅନୁପାତରେ ସାର୍ବଜନୀନ ସଂସ୍ଥା ଏବଂ ଘରୋଇ ସଂସ୍ଥା ମାନଙ୍କୁ ଯୋଗାଇଲେ । ସାର୍ବଜନୀନ ସଂସ୍ଥା ପାଇଁ ସୀମା ଶୁଳ୍କ 30%, କିନ୍ତୁ ଘରୋଇ ସଂସ୍ଥା ପାଇଁ ସୀମା ଶୁଳ୍କ ଏହାର ଦୁଇଗୁଣ । ଯଦି ସୀମା ଶୁଳ୍କ ଉପରେ 2% ଶିକ୍ଷା ସେସ୍ ଲାଗୁ ହୁଏ, ତେବେ ସେ ସମୁଦାୟ କେତେ ଟଙ୍କା ସୀମା ଶୁଳ୍କ ଦେବେ ?

4. ଶ୍ରୀଯୁକ୍ତ ମିତଲ 2500 କ୍ୱିଣ୍ଟାଲ ଗହମ @ 12 ଟଙ୍କା କିଗ୍ରା ପ୍ରତି ଆମଦାନୀ କଲେ । ଏହା ଉପରେ 20% ସୀମା ଶୁଳ୍କ ଏବଂ 2% ଶିକ୍ଷା ସେସ୍ ଲାଗୁ ହେଲା । ଯଦି 2% ଗହମ ଚୋରି ହେଲା ଏବଂ 5% ଗହମ ନଷ୍ଟ ହୋଇଗଲା, ଯାହା ଉପରେ 5% ଶୁଳ୍କ ଲାଗୁ ହେବ, ତେବେ ସେ ସରକାରଙ୍କୁ କେତେ ଟଙ୍କା ଶୁଳ୍କ ଦେବେ ?

### 40.3.7 ବିକ୍ରି କର (Sales Tax)

ଗ୍ରାହକମାନଙ୍କ ଦ୍ୱାରା କିଣାଯାଉଥିବା କେତେକ ଦ୍ରବ୍ୟ ଉପରେ ଦିଆଯାଉଥିବା କରକୁ ବିକ୍ରିକର କୁହାଯାଏ । ବିକ୍ରିକରର ହାର ଗ୍ରାହକ ମାନଙ୍କ ଦ୍ୱାରା କିଣାଯାଉଥିବା ବସ୍ତୁର ପ୍ରକାର ଉପରେ ନିର୍ଭର କରେ ।

### 40.3.8 ମୂଲ୍ୟ ଯୁକ୍ତ କର (Value Added Tax)

ଭାରତୀୟ ସମ୍ବିଧାନ ଅନୁସାରେ ବସ୍ତୁର ବିକ୍ରି ଉପରେ ଶୁଳ୍କ ବା କର ଆଦାୟ କରିବାଲାଗି ପ୍ରତ୍ୟେକ ରାଜ୍ୟର ସ୍ୱତନ୍ତ୍ର କ୍ଷମତା ରହିଛି । ଆନ୍ତଃରାଜ୍ୟ ବ୍ୟବସାୟରେ, କେନ୍ଦ୍ର ସରକାର କର ଲଗାଇଥାନ୍ତି ଯାହାକୁ କେନ୍ଦ୍ରୀୟ ବିକ୍ରିକର କହନ୍ତି (CST) । କେନ୍ଦ୍ରୀୟ ବିକ୍ରି କରକୁ ଧୀରେ ଧୀରେ ହଟାଇ ଦେବାର ପ୍ରସ୍ତାବ ରହିଛି । ବିକ୍ରିକର ପଦ୍ଧତିରେ ଥିବା ବହୁ ତ୍ରୁଟି ପାଇଁ ସରକାର ରାଜ୍ୟ ସରକାରଙ୍କ କର ସ୍ଥାନରେ ଏକ ନୂତନ କର ପ୍ରଣାଳୀ ପ୍ରଚଳନ କଲେ ଯାହାକୁ ମୂଲ୍ୟ ଯୁକ୍ତ କର (VAT) କୁହାଗଲା । ଭ୍ୟାଟ୍ ବହୁସ୍ତରୀୟ କର ଯାହାକୁ ପ୍ରତ୍ୟେକ ସ୍ତରରେ ବସ୍ତୁର ମୂଲ୍ୟ ସହ ଯୋଗକରାଯାଇଥିବା ମୂଲ୍ୟ ଉପରେ ଲାଗୁ କରାଯାଏ ଏବଂ ଆଦାୟ କରାଯାଏ । ବିଭିନ୍ନ ସ୍ତରରେ କର ବସାଇବାର ଏହା ଏକ ପ୍ରଣାଳୀ । ଏହି ପ୍ରଣାଳୀରେ ଉତ୍ପାଦନ ଏବଂ ବଣ୍ଟନର ବିଭିନ୍ନ ସ୍ଥିତିରେ ବସ୍ତୁ ସହିତ ରହିଥିବା ମୂଲ୍ୟରେ କର ଲଗାଯାଏ । ଏହା ବିକ୍ରିକରର ଅନ୍ୟ ଏକ ରୂପ ଯେଉଁଥିରେ କେବଳ ପ୍ରଥମ କିମ୍ବା ଶେଷ ସ୍ତରରେ କର ଆଦାୟ ନକରି କରକୁ ବିଭିନ୍ନ ସ୍ତରରେ ଆଦାୟ କରାଯାଏ । ସରଳ ଅର୍ଥରେ, ଭ୍ୟାଟ୍ ଏକ ବହୁସ୍ତରୀୟ ବିକ୍ରିକର ଅଟେ ଯାହାକୁ ସପ୍ଲାଏ ଚେନ୍‌ର ପ୍ରତ୍ୟେକ ସ୍ତରରେ ଲଗାଯାଏ ଏବଂ ଏହାକୁ ବିଭିନ୍ନ ସ୍ତରରେ ଦେବାର ସୁବିଧା ଥାଏ, ଅର୍ଥାତ୍ ଏକ ବେପାରୀ ଦ୍ୱାରା ବସ୍ତୁଗୁଡ଼ିକୁ କିଣିବା ସମୟରେ ଏବଂ ଏକ ଉତ୍ପାଦନକାରୀ ଦ୍ୱାରା କଞ୍ଚାମାଲକୁ କିଣିବା ସମୟରେ । କେବଳ ପ୍ରତ୍ୟେକ ସ୍ଥିତିରେ ମୂଲ୍ୟ ସହ ଯୋଗ କରାଯାଇଥିବା ମୂଲ୍ୟ ଉପରେ କର ଲାଗୁ କରାଯାଏ । ଉଦାହରଣ ସ୍ୱରୂପ ଯଦି ଜଣେ ଡିଲର ଅନ୍ୟ ଜଣେ ଡିଲର ଠାରୁ 100 ଟଙ୍କା ଦାମ୍‌ର ବସ୍ତୁକୁ 10 ଟଙ୍କା କର ସହ କିଣିଲା ଏବଂ 120 ଟଙ୍କା ଦାମ୍‌ରେ ବିକିଲା, ତେବେ ସେ 10% ହିସାବରେ 12 ଟଙ୍କା କର ଆଦାୟ କଲେ, ଡିଲରଙ୍କ ଦ୍ୱାରା କେବଳ 2 ଟଙ୍କା କର ଦିଆଯିବ ଯାହା ଆଦାୟ ହୋଇଥିବା କର 12 ଟଙ୍କା ଏବଂ କିଣିବା ସମୟରେ ଦେଇଥିବା କର 10 ଟଙ୍କାର ଅନ୍ତର । ତେଣୁ ବେପାରୀ କେବଳ 20 ଟଙ୍କା (ଯାହା ସେହି ବସ୍ତୁର ପୂର୍ବ ମୂଲ୍ୟ ସହ ଯୋଗ କରାଯାଇଥିବା ମୂଲ୍ୟ) ର @ 10% ରେ କର ଦେବେ ।

ଅଧିକାଂଶ ରାଜ୍ୟ ସରକାର 1.4.2005 ରୁ ଭ୍ୟାଟ୍ ଲାଗୁ କରିଛନ୍ତି । ହରିଆନା ପ୍ରଥମ ରାଜ୍ୟ ଯିଏ 1.4.2004ରୁ ଭ୍ୟାଟ୍ ଲାଗୁ କରି ପ୍ରଥମ ବର୍ଷରେ, ରାଜ୍ୟର କହିବା ଅନୁସାରେ, ସେ ରାଜ୍ୟରେ ପୂର୍ବବର୍ଷ ତୁଳନାରେ କର ରାଜସ୍ୱରେ ବୃଦ୍ଧି ଘଟିଛି । ଯଦି ଭ୍ୟାଟ୍ ଲାଗୁ କରିବା ଦ୍ୱାରା ରାଜ୍ୟର କ୍ଷତି ହୁଏ, ତେବେ ଏହି କ୍ଷତିକୁ କେନ୍ଦ୍ର ସରକାର ଭରଣା କରିବେ ।

## 40.4 ଭ୍ୟାଟ୍‌ର ବିଶେଷତ୍ୱ (Characteristics of VAT)

1. ଏହା ସରଳ, ଆଧୁନିକ ଏବଂ ସ୍ୱଚ୍ଛ କର ବ୍ୟବସ୍ଥା ।
2. ଏହା ଏକ ବହୁସ୍ତରୀୟ କର ବ୍ୟବସ୍ଥା ଯେଉଁଥିରେ ପୂର୍ବ ସ୍ତରରେ ଦିଆଯାଇଥିବା କରରେ କ୍ରେଡିଟ୍ ମିଳେ ।
3. ଛୋଟ ବ୍ୟବସାୟୀ (ଯାହାର ଟର୍ଣ୍ଣଓଭର 10 ଲକ୍ଷ ପର୍ଯ୍ୟନ୍ତ) ଭ୍ୟାଟ୍‌ର ଅନ୍ତର୍ଭୁକ୍ତ ହେବେ ନାହିଁ ।
4. ବହୁସଂଖ୍ୟକ କର ଯଥା ଟର୍ଣ୍ଣଓଭର କର, ବିଳାସ କର, ଅଧିକର ବା ସର୍ଚାଜର ସ୍ଥାନ ଭ୍ୟାଟ୍ ନିଏ ।
5. ଭ୍ୟାଟ୍ ସଫଳ ହେବା କାରଣରୁ ବିକ୍ରିକର ଅପେକ୍ଷା ଏହା ଭଲ ବୋଲି ବିବେଚନା କରାଯାଏ ।
6. ବିକ୍ରିକରରେ ବହୁସଂଖ୍ୟାରେ କର ହାର ଥିବା ବଦଳରେ ଭ୍ୟାଟ୍‌ରେ କେବଳ ଚାରୋଟି ହାର ଥାଏ ।
7. ଛୋଟ ବ୍ୟବସାୟୀ ମାନଙ୍କ ପାଇଁ (ଯାହାର ଟର୍ଣ୍ଣଓଭର 10 ଲକ୍ଷରୁ ଅଧିକ କିନ୍ତୁ 50 ଲକ୍ଷରୁ କମ୍) ଭ୍ୟାଟ୍‌ରେ ମିଶ୍ରିତ ଯୋଜନା ରହିଛି ।
8. ଆଦାୟ କରାଯାଉଥିବା କର ଉପରେ ଦିଆଯାଉଥିବା କରର କ୍ରେଡିଟ୍ ଦେଇ ଏବଂ କେବଳ ଯୋଗ କରାଯାଇଥିବା ମୂଲ୍ୟ ଉପରେ କରର ବ୍ୟବସ୍ଥା କରି, ଭ୍ୟାଟ୍ ନିମ୍ନଗତି (କାସ୍‌କେଡିଙ୍ଗ୍)ର ଅପସାରଣ କରେ ।





ଟିପ୍ପଣୀ

### 40.4.1 ଭ୍ୟାଟ୍ ଅନ୍ତର୍ଗତ କର ବୋଝର ହିସାବ

ମନେକର ଏକ ଟିଭି ଡିଲର 20,000 ଟଙ୍କାରେ ଟିଭି ବିକ୍ରି କରନ୍ତି ଏବଂ ଭ୍ୟାଟ୍ ହେଉଛି 4% । ତେବେ ସେ ଭ୍ୟାଟ ବାବଦରେ 800 ଟଙ୍କା (20,000×0·4) କର ଆଦାୟ କରିବେ । ଯଦି ଡିଲର 19,000 ଟଙ୍କାରେ ଟିଭି କିଣିଥାଆନ୍ତି ଏବଂ ସେ ସମୟରେ ସେ ଭ୍ୟାଟ୍ ପାଇଁ ଦେଇଥାଆନ୍ତି 760 ଟଙ୍କା, ତେବେ ସେ ଭ୍ୟାଟ ପାଇଁ ଦେବେ 800–760 = 40 ଟଙ୍କା । ସେ କର ବାବଦରେ ସରକାରଙ୍କୁ ଦେବେ କେବଳ 40 ଟଙ୍କା । ତେଣୁ ସେ ଦେଉଥିବା କର ହେଉଛି, ମିଶ୍ରଣ-ମୂଲ୍ୟ ବା ବର୍ଦ୍ଧିତ ମୂଲ୍ୟ ଓ କର ହାରର ଗୁଣଫଳ । ଏହି କ୍ଷେତ୍ରରେ ଏହା ହେବ 0·04×(20,000–19,000) = 40 ।

କୌଣସି କର ଅବଧି ପାଇଁ ଭ୍ୟାଟ୍ ଦିଆଯିବାର ହିସାବ ହେଉଛି, ବିକ୍ରି ସମୟରେ ନିଆଯାଉଥିବା କରରୁ କ୍ରୟ ସମୟରେ ଦିଆଯାଇଥିବା କରର ଅନ୍ତର ।

କ୍ରୟମୂଲ୍ୟକୁ ଭ୍ୟାଟ୍ ଟିକସ୍ ହାର ସହ ଗୁଣନ କରି ଆଉଟ୍ ପୁଟ୍ ଟ୍ୟାକ୍ସ ହିସାବ କରାଯାଏ ।

ନେଟ୍ କର = ବିକ୍ରି ସମୟରେ ପାଇଥିବା କର – କ୍ରୟ ସମୟରେ ଦେଇଥିବା କର

ଯଦି ଏହି ଅନ୍ତର ଏକ ଧନାତ୍ମକ ରାଶି ହୁଏ, ତେବେ ସେତିକି ରାଶି ସରକାରଙ୍କୁ ଦିଆଯିବ । ଯଦି ଏହି ଅନ୍ତର ଏକ ଋଣାତ୍ମକ ରାଶି ହୁଏ, ତେବେ ସେତିକି ରାଶି ଫେରସ୍ତ ପାଇଁ ସରକାରଙ୍କ ନିକଟରେ ଦାବି କରାଯିବ କିମ୍ବା ଦିଆଯାଇଥିବା ଅଧିକ କର ରାଶିକୁ ପରବର୍ତ୍ତୀ କର ହିସାବ ସମୟରେ ବିଯୁକ୍ତ କରି ଦିଆଯିବ ।

### 40.4.2 ଭ୍ୟାଟ୍‌ର ସୁବିଧା

1. ଡିଲର ମାନଙ୍କ ଦ୍ୱାରା ସ୍ୱକର ମୂଲ୍ୟାଙ୍କନ
2. ରାଜ୍ୟମାନଙ୍କର ଅଧିକ ରାଜସ୍ୱ ବୃଦ୍ଧି
3. ପୂର୍ବ କ୍ରୟ ସମୟରେ ଦିଆଯାଇଥିବା କରର ବିୟୋଗ
4. ଅନ୍ୟ କର ଗୁଡ଼ିକର ଅପସାରଣ
5. କର ପ୍ରଣାଳୀରେ ସ୍ୱଚ୍ଛତା । କର ବିଭାଗକୁ ଦୌଡ଼ିବା କମିବ
6. ଦୁର୍ନୀତି ଏବଂ କର ଫାଙ୍କିବା କାରବାର କରିବା କମିବ
7. କର ଗୁଡ଼ିକ ଦରର ସମାନତା ଯୋଗୁ ବ୍ୟବସାୟର ସ୍ୱଚ୍ଛତାକୁ ବଢାଇବା
8. ଭ୍ୟାଟ୍ ଯୋଗୁ ମୂଲ୍ୟ ବୃଦ୍ଧି ଘଟିବ ନାହିଁ
9. ଭ୍ୟାଟ୍ ଲାଗୁ କରିବା ସହଜ ଏବଂ ସୁବିଧାଜନକ

### 40.4.3 ଭ୍ୟାଟ୍‌ର ଅସୁବିଧା

1. ଟ୍ୟାକ୍ସ ଅଧିକାରୀ ମାନଙ୍କ ପାଖରେ ଥିବା କାଗଜପତ୍ର ରଖିବା ଏବଂ ହିସାବ ପ୍ରଥାକୁ ଅଧିକ ଶକ୍ତିଶାଳୀ କରିବା ଆବଶ୍ୟକ ଯେପରି ଇମ୍ପୁଟ୍ ଟ୍ୟାକ୍ସ କ୍ରେଡ଼ିଟ ଦାବି କରାଯାଇପାରିବ ।
2. ବ୍ୟବସାୟୀ ମାନଙ୍କ ଦ୍ୱାରା ମିଥ୍ୟା ଇମ୍ପୁଟ୍ କ୍ରେଡିଟ୍ ପୈଠ କରିବା ଦ୍ୱାରା ଟିକସ୍ ଫାଙ୍କିବା କାର୍ଯ୍ୟ ସମ୍ଭବ ହେବ ।

### 40.4.4 ଭ୍ୟାଟ୍ ବିଷୟରେ ଅତିରିକ୍ତ ସୂଚନା

**ଟର୍ଣ୍ଣଓଭର :** ଏହା ଅର୍ଥ, ବ୍ୟକ୍ତି ଦ୍ୱାରା କୌଣସି ଏକ କରନିର୍ଦ୍ଧାରଣ ଅବଧିରେ ଦିଆଯାଉଥିବା ସମୁଦାୟ କ୍ରୟମୂଲ୍ୟର ପରିମାଣ, ନିବେଶ କର ସହିତ ।

**ବିକ୍ରି :** ନଗଦ କିମ୍ବା ଉଧାର ରାଶି ବଦଳରେ ବସ୍ତୁ ଗୁଡିକର ଏକ ବ୍ୟକ୍ତି ଦ୍ୱାରା ଅନ୍ୟ ବ୍ୟକ୍ତିକୁ ହସ୍ତାନ୍ତର ।

**କର ହାର :** କୌଣସି ବେପାରୀ ଦ୍ୱାରା କର ଲାଗୁଥିବା ଟର୍ଣ୍ଣଓଭର ଉପରେ ଭ୍ୟାଟ୍ ରେଟ୍ ନିମ୍ନରେ ଦିଆଗଲା ।

(i) ଦ୍ୱିତୀୟ ଅନୁସୂଚୀତ ତାଲିକାରେ ଦିଆଯାଇଥିବା ବସ୍ତୁ ପାଇଁ @ 1%

(ii) ତୃତୀୟ ଅନୁସୂଚୀତ ତାଲିକାରେ ଦିଆଯାଇଥିବା ବସ୍ତୁ ପାଇଁ @ 4%

(iii) ଚତୁର୍ଥ ଅନୁସୂଚୀତ ତାଲିକାରେ ଦିଆଯାଇଥିବା ବସ୍ତୁ ପାଇଁ @ 20%



ଟିପ୍ପଣୀ

(iv) ପୂର୍ବୋକ୍ତ ତିନୋଟି ଅନୁସୂଚୀତ ତାଲିକା ବ୍ୟତୀତ ଅନ୍ୟ ସମସ୍ତ ବସ୍ତୁ ପାଇଁ @ 12.5%

**କର କ୍ରେଡିଟ୍ :** ଜଣେ ପଞ୍ଜିକୃତ ଡିଲରଙ୍କର କର ଅବଧି ସମୟରେ ସେ କ୍ରୟ କରୁଥିବା ଟର୍ଣ୍ଣଓଭରର କର କ୍ରେଡିଟ୍ କରିବା ପାଇଁ ଅଧିକାର ଥାଏ ଯେଉଁଠି ଜଣେ ଡିଲର ଭାବରେ ତାଙ୍କର କ୍ରୟ କରିବାର କାର୍ଯ୍ୟକଳାପ ରହିଥାଏ ଏବଂ ବସ୍ତୁ ଗୁଡିକ ତାଙ୍କ ଦ୍ୱାରା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବିକ୍ରି କରାଯାଇଥାଏ ।

କର କ୍ରେଡିଟ୍‌ର ଅନୁମତି ରହିବ ନାହିଁ ଯେତେବେଳେ

(i) ଜଣେ ଅଣପଞ୍ଜିକୃତ ଡିଲର ଠାରୁ ବସ୍ତୁଗୁଡିକୁ କ୍ରୟ କରେ

(ii) ଜଣେ ବ୍ୟକ୍ତିଙ୍କର ମାଲିକାନାରେ ଥିବା ବା ତାଙ୍କ ଦ୍ୱାରା ଅଧିକୃତ ଏକ ଅଟ୍ଟାଳିକାର ନିର୍ମାଣରେ ବ୍ୟବହୃତ ବସ୍ତୁଗୁଡ଼ିକର କ୍ରୟ କରାଯାଏ ।

(iii) ଯେତେବେଳେ ଜଣେ ଡିଲର ବସ୍ତୁଗୁଡିକୁ କ୍ରୟ କରେ ଏବଂ ବସ୍ତୁଗୁଡିକ ଆଂଶିକ ବିକ୍ରି ପାଇଁ ବ୍ୟବହୃତ ହୁଏ, ସେହି କ୍ଷେତ୍ରରେ କର କ୍ରେଡିଟ୍‌ର ପରିମାଣ ଆନୁପାତିକ ଭାବରେ କମ୍ ହୁଏ ।

**ନେଟ୍ କର :** ଜଣେ ଡିଲର ଦ୍ୱାରା କର ଅବଧି ପାଇଁ ପୈଠ ହେଉଥିବା ନେଟ୍ କର ନିର୍ଣ୍ଣୟ କରିବା ପାଇଁ ନିମ୍ନ ସୂତ୍ର ବ୍ୟବହାର କରାଯାଏ ।

**ନେଟ୍ କର = O–I–C**

ଯେଉଁଠି

O = କର ଅବଧି ମଧ୍ୟରେ କରଧାର୍ଯ୍ୟ ଉପଯୁକ୍ତ ଟର୍ଣ୍ଣଓଭର ଉପରେ ନିର୍ଦ୍ଧାରିତ କର ହାରରେ ଦେୟ କରର ପରିମାଣ ।

I = ଅଧିନିୟମ ଅନୁସାରେ, ଏହି କର ଅବଧିରେ ଉକ୍ତ ବ୍ୟକ୍ତିଙ୍କର ହକ୍‌ଥିବା କର କ୍ରେଡିଟ୍‌ର ପରିମାଣ ଯାହାକୁ ସେ ଆଡ଼ଜଷ୍ଟ କରିବେ ।

C = ପୂର୍ବ କର ନିର୍ଦ୍ଧାରଣ ସମୟରେ ଆଗକୁ ନିଆଯାଉଥିବା ଯଦି କୌଣସି ପରିମାଣ ଥାଏ ।

**ଜୋରିମାନା :** ଯଦି କୌଣସି ବ୍ୟକ୍ତି ନିର୍ଦ୍ଧାରିତ ସମୟ ମଧରେ ତାଙ୍କର କର ବିବରଣୀ ଦାଖଲ ନ କରନ୍ତି କିମ୍ୱା କର ବିବରଣୀ ପତ୍ର ସହିତ ଦେବାକୁ ଥିବା ଆବଶ୍ୟକୀୟ କାଗଜପତ୍ର ଦେବାରେ ବିଫଳ ହୁଅନ୍ତି, ତେବେ ସେ କର ବିବରଣୀ ଦେବା ଲାଗି ନିର୍ଦ୍ଧାରିତ ଦିନ ଠାରୁ ବିବରଣୀ ଦେବା ଦିନ ପର୍ଯ୍ୟନ୍ତ ଦିନକୁ 100 ଟଙ୍କା ହିସାବରେ ଜୋରିମାନା ଦିଅନ୍ତି ଏବଂ ଏହି ଜୋରିମାନାର ସର୍ବୋଚ୍ଚ ପରିମାଣ 10,000 ଟଙ୍କା ।

**ଉଦାହରଣ 40.16** 'A' ଜଣେ ନିର୍ମାତାଙ୍କ ଠାରୁ 20,000 ଟଙ୍କା ମୂଲ୍ୟର ବସ୍ତୁ କ୍ରୟ କଲେ ଏବଂ ମୂଲ୍ୟରେ 5,000 ଟଙ୍କା ଯୋଗ କଲେ, ଯଦି 12.5% ହାରରେ ଭ୍ୟାଟ ଲାଗୁ କରାଯାଏ, ତେବେ ବସ୍ତୁର ସମୁଦାୟ ବିକ୍ରି ମୂଲ୍ୟ ହିସାବ କର ।

**ସମାଧାନ :** କ୍ରୟ ମୂଲ୍ୟ = 20,000 ଟଙ୍କା

ଯୋଗ କରାଯାଇଥିବା ମୂଲ୍ୟ = 5,000 ଟଙ୍କା

ଭ୍ୟାଟ୍ (12.5%) = $5000 \times \frac{125}{1000}$ ଟଙ୍କା = 625 ଟଙ୍କା

∴ ମୋଟ ବିକ୍ରିମୂଲ୍ୟ = 25625 ଟଙ୍କା

**ଉଦାହରଣ 40.17** ଶ୍ରୀମତୀ ରାଘବ କିଗ୍ରା ପ୍ରତି 50 ଟଙ୍କା ଦରରେ ସୂତା କିଣିଲେ ଏବଂ 1 କିଗ୍ରା ସୂତାରେ 2 ମିଟର କପଡା କଲେ । ସେ ପୁନଶ୍ଚ ସେହି କପଡାକୁ ମିଟର ପ୍ରତି 38.50 ଟଙ୍କାରେ ବଜାରରେ ବିକ୍ରି କଲେ । କପଡା ଉପରେ ଲାଗୁଥିବା ଭ୍ୟାଟ୍ 8% ହେଲେ, ଏହି ସମୁଦାୟ କାରବାରରେ ସରକାର କେତେ ଟଙ୍କା ଭ୍ୟାଟ୍ ଆଦାୟ କରିବେ ?

**ସମାଧାନ :** ସୂତାର ଦାମ୍ = 50 ଟଙ୍କା

କପଡାର ବିକ୍ରି ମୂଲ୍ୟ = 77 ଟଙ୍କା

ଦୁଇ ଦାମ୍‌ର ଅନ୍ତର = 27 ଟଙ୍କା



ଟିପ୍ପଣୀ

$\therefore$ 27 ଟଙ୍କା = ଯୋଗ ହୋଇଥିବା ମୂଲ୍ୟ + ଭ୍ୟାଟ୍

$$= x + \frac{8x}{100} = \frac{27x}{25}$$

$\Rightarrow x = 25$

ଅର୍ଥାତ୍ ଯୋଗ ହୋଇଥିବା ମୂଲ୍ୟ = 25 ଟଙ୍କା

$\therefore$ ଭ୍ୟାଟ୍ = 2 ଟଙ୍କା

**ଉଦାହରଣ 40.18** ଶ୍ରୀଯୁକ୍ତ ସିଂ ଗୋଟି ପ୍ରତି 17,500 ଟଙ୍କା ଦରରେ 10ଟି କମ୍ପ୍ୟୁଟର କିଣିଲେ । ପ୍ରତି କମ୍ପ୍ୟୁଟରରୁ ସେ 2000 ଟଙ୍କା ରୋଜଗାର କରନ୍ତି ଏବଂ ଭ୍ୟାଟ୍ ଦିଅନ୍ତି @ 8% । ଏହି 10ଟି କମ୍ପ୍ୟୁଟରର ମୋଟ ବିକ୍ରିମୂଲ୍ୟ କେତେ ଏବଂ ତାଙ୍କୁ କେତେ ଭ୍ୟାଟ୍ ଦେବାକୁ ପଡିବ ?

**ସମାଧାନ :** ଗୋଟିଏ କମ୍ପ୍ୟୁଟରର କ୍ରୟମୂଲ୍ୟ = 17,500 ଟଙ୍କା

ମୂଲ୍ୟ ଯୋଗ କରାଯାଇଥିବା (ଲାଭ) = 2000 ଟଙ୍କା

ମୋଟ = 19,500 ଟଙ୍କା

ଭ୍ୟାଟ୍ 8% = 160 ଟଙ୍କା

$\therefore$ ଗୋଟିଏ କମ୍ପ୍ୟୁଟରର ବିକ୍ରି ମୂଲ୍ୟ = 19660 ଟଙ୍କା

10ଟି କମ୍ପ୍ୟୁଟରର ମୋଟ ବିକ୍ରି ମୂଲ୍ୟ = 196600 ଟଙ୍କା

ସମୁଦାୟ ଭ୍ୟାଟ୍ ଦେବେ = 1600 ଟଙ୍କା

**ଉଦାହରଣ 40.19** ଜଣେ ଓ୍ୱାଂସି ମେସିନ୍ ଡିଲର ଗୋଟିକୁ 22,000 ଟଙ୍କା ରେଟ୍‌ରେ 5ଟି ଓ୍ୱାସିଂ ମେସିନ୍ ଏବଂ ଗୋଟିକୁ 25,000 ଟଙ୍କା ରେଟ୍‌ରେ 2ଟି ଓ୍ୱାସିଂ ମେସିନ୍ କମ୍ପାନୀରୁ କିଣିଲେ । ପ୍ରତ୍ୟେକ ମେସିନ୍‌ରେ ସେ 6000 ଟଙ୍କା ଲାଭ ରଖିବାକୁ ସ୍ଥିର କଲେ । 5ଟି ଓ୍ୱାସିଂ ମେସିନ୍‌କୁ 28750 ଟଙ୍କା ଦରରେ ଏବଂ 2ଟି ଓ୍ୱାସିଂ ମେସିନ୍‌କୁ 31750 ଟଙ୍କା ଦରରେ ବିକ୍ରି କଲେ । ସେ ଶତକଡା କେତେ ଭ୍ୟାଟ୍ ଦେଲେ ଏବଂ ସେ ସରକାରଙ୍କୁ ଦେଉଥିବା ମୋଟ ଭ୍ୟାଟ୍‌ର ପରିମାଣ କେତେ ?

**ସମାଧାନ :** 5ଟି ଓ୍ୱାସିଂ ମେସିନ୍‌ର ଦାମ୍

= (5×22000) ଟଙ୍କା = 110000 ଟଙ୍କା

ଲାଭ = 5×6000 = 30000 ଟଙ୍କା

ମୋଟ = 140000 ଟଙ୍କା

ବିକ୍ରିମୂଲ୍ୟ = (5×28750) ଟଙ୍କା= 143750 ଟଙ୍କା

ଭ୍ୟାଟ୍ ଦେଲେ = (143750–140000) ଟଙ୍କା = 3750 ଟଙ୍କା

ଶତକଡା ଭ୍ୟାଟ୍ $= \frac{3750}{30000} \times 100 = 12 \cdot 5\%$

2ଟି ଓ୍ୱାସିଂ ମେସିନ୍‌ର କିଣା ଦାମ୍ = 50000 ଟଙ୍କା

ଲାଭ କଲେ = 12000 ଟଙ୍କା

ଭ୍ୟାଟ୍ (12.5%) = 1500 ଟଙ୍କା

ସମୁଦାୟ ବିକ୍ରିମୂଲ୍ୟ = 63500 ଟଙ୍କା

$\therefore$ ମୋଟ ଭ୍ୟାଟ୍ ଦେୟ = (3750+1500) ଟଙ୍କା = 5250 ଟଙ୍କା

**ଉଦାହରଣ 40.20** ମନେକର ଜଣେ କମ୍ପ୍ୟୁଟର ଡିଲର 8000 ଟଙ୍କାରେ କ୍ରୟ କରିଥିବା କମ୍ପ୍ୟୁଟରକୁ 12,240 ଟଙ୍କାରେ ବିକ୍ରି କରନ୍ତି । କମ୍ପ୍ୟୁଟର ଗୁଡିକ ଉପରେ ଲାଗୁଥିବା ଭ୍ୟାଟ୍ @ 8% କିନ୍ତୁ ସେ ରିହାତି ପାଆନ୍ତି @ 2% । ସେ କେତେ ଟଙ୍କା ଭ୍ୟାଟ୍ ଦେବେ ହିସାବ କର ଏବଂ ସରକାର ମୋଟ କେତେ ଟଙ୍କା ଭ୍ୟାଟ୍ ଆଦାୟ କରିବେ ସ୍ଥିର କର ।

**ସମାଧାନ :** କ୍ରୟ ମୂଲ୍ୟ = 8000 ଟଙ୍କା

ବିକ୍ରୟ ମୂଲ୍ୟ = 12240 ଟଙ୍କା

ଲାଭ+ଭ୍ୟାଟ୍ = 4240 ଟଙ୍କା

ଶତକଡା ଭ୍ୟାଟ୍ = (8–2)% = 6%

∴ 4240 = ଲାଭ + ଲାଭର 6%

$$= x + \frac{6x}{100} = \frac{53x}{50}$$

$\Rightarrow x = \dfrac{4240 \times 50}{53}$ ଟଙ୍କା = 4000 ଟଙ୍କା

∴ ଭ୍ୟାଟ୍ ଦେୟ = (4240 – 4000) ଟଙ୍କା = 240 ଟଙ୍କା

**ଉଦାହରଣ 40.21** ଜଣେ ଡିଲର ଡିସ୍ ୱାସର (D.W.) 15,000 ଟଙ୍କାରେ କିଣିଲେ ଏବଂ ପୁଣି ଏହାକୁ 20,200 ଟଙ୍କାରେ ବିକ୍ରି କଲେ । ଯଦି ଡିସ୍ ୱାସର ଉପରେ ଲାଗୁଥିବା ଭ୍ୟାଟ୍ 4% ହୁଏ, ତେବେ ସେ ଏହି କାରବାରରେ କେତେ ଟଙ୍କା ଲାଭ ପାଇବେ ଏବଂ ସେ ସରକାରଙ୍କୁ କେତେ ଟଙ୍କା ଭ୍ୟାଟ ପାଇଁ ଦେବେ ଏହି କାରବାରରେ ହିସାବ କର ।

**ସମାଧାନ :** ଡିସ୍ ୱାସରର କ୍ରୟ ମୂଲ୍ୟ = 15000 ଟଙ୍କା

ବିକ୍ରୟ ମୂଲ୍ୟ = 20200 ଟଙ୍କା

ପାର୍ଥକ୍ୟ = 5200 ଟଙ୍କା

ମନେକର ବର୍ଦ୍ଧିତ ମୂଲ୍ୟ = x ଟଙ୍କା

∴ 5200 = x+x ର $4\% = \dfrac{26x}{25}$

$$\Rightarrow x = 5200 \times \frac{25}{26} = 5000$$

∴ ସେ ପାଇଥିବା ଲାଭ = 5000 ଟଙ୍କା

ଭ୍ୟାଟ ଦେୟ = 200 ଟଙ୍କା

**ଉଦାହରଣ 40.22** ସୁଶିଲ୍ ଗୋଟିକୁ 70 ଟଙ୍କା ଦରରେ 100ଟି କାନ୍ଥଘଣ୍ଟା କିଣିଲେ ଏବଂ ସେଗୁଡିକୁ ରମେଶକୁ 9250 ଟଙ୍କାରେ ବିକ୍ରି କଲେ । ଏହି କାରବାରରେ ସେ 2000 ଟଙ୍କା ଲାଭ କଲେ । ରମେଶ ପ୍ରତ୍ୟେକ ଘଣ୍ଟାର ଦାମ୍ ସହ 30 ଟଙ୍କା ଯୋଗ କରି ବଜାରରେ ବିକ୍ରି କଲେ । ଯଦି ସମସ୍ତ ଘଣ୍ଟାରେ ଭ୍ୟାଟ୍ ସମାନ ଥାଏ, ତେବେ ସୁଶିଲ ଭ୍ୟାଟ୍ ପାଇଁ କେତେ ଟଙ୍କା ଦେବେ ଏବଂ ରମେଶ କେତେ ଟଙ୍କାରେ ଘଣ୍ଟା ଗୁଡିକୁ ବଜାରରେ ବିକ୍ରି କଲେ ନିର୍ଣ୍ଣୟ କର ।

**ସମାଧାନ :** ସୁଶିଲର ମୋଟ କିଣାଦାମ

= (100×70) ଟଙ୍କା = 7000 ଟଙ୍କା

ସେ ଲାଭ ପାଇଥିବ = 2000 ଟଙ୍କା

ମୋଟ = 9000 ଟଙ୍କା

ବିକ୍ରିମୂଲ୍ୟ (ଭ୍ୟାଟ୍ ସହିତ) = 9250 ଟଙ୍କା

ଭ୍ୟାଟ୍ = 250 ଟଙ୍କା

∴ ଶତକଡା ଭ୍ୟାଟ୍ $= \dfrac{250}{2000} \times 100 = 12 \cdot 5\%$

ରମେଶଙ୍କ ଦ୍ୱାରା ଦିଆଯାଇଥିବା ମୂଲ୍ୟ = 9250 ଟଙ୍କା

ଯୋଗ କରିଥିବା ମୂଲ୍ୟ = 3000 ଟଙ୍କା

ମୋଟ = 12250 ଟଙ୍କା

ଭ୍ୟାଟ୍ $= \frac{12 \cdot 5}{100} \times 3000 = 375$ ଟଙ୍କା

$\therefore$ ବିକ୍ରି ମୂଲ୍ୟ = (12250+375) ଟଙ୍କା = 12625 ଟଙ୍କା

## ଆସ ନିଜେ ନିଜକୁ ପରଖିବା 40.3

1. ଜଣେ ହୋଲ୍‌ସେଲର କ୍ୱିଣ୍ଟାଲ ପ୍ରତି 4000 ଟଙ୍କାରେ 2 କ୍ୱିଣ୍ଟାଲ ଚାଉଳ କିଣିଲେ ଏବଂ ପ୍ରତି କ୍ୱିଣ୍ଟାଲର ଦାମ ସହ 750 ଟଙ୍କା ଯୋଗ କରି ବିକିଲେ । ଭ୍ୟାଟ୍ ହାର 8% ହେଲେ, ତାଙ୍କର ମୋଟ ବିକ୍ରୟ ମୂଲ୍ୟ କେତେ ?
2. ଜଣେ ହୋଲସେଲର ଗହମ କ୍ୱିଣ୍ଟାଲ ପ୍ରତି 1000 ଟଙ୍କାରେ କିଣିଲେ ଏବଂ ତାପରେ ଗହମକୁ ଅଟା କରି ଦୋକାନୀକୁ କିଗ୍ରା ପ୍ରତି 15.20 ଟଙ୍କାରେ ବିକ୍ରି କଲେ । ଯଦି ସେ ଭ୍ୟାଟ୍ 4% ହାରରେ ଦିଅନ୍ତି, ତେବେ ସେ ହୋଲସେଲର୍ କେତେ ଟଙ୍କା ଲାଭ କରିବେ ?
3. ସୁଧିର ପୋଷାକ ବ୍ୟବସାୟୀ 50,000 ଟଙ୍କାର ପୋଷାକ କିଣିଲେ । ସେ ତାଙ୍କର ଲାଭ 15,000 ଟଙ୍କା ତକ ଯୋଗ କରି ସବୁତକ ପୋଷାକ 66,200 ଟଙ୍କାରେ ବିକ୍ରି କଲେ । ଶତକଡା କେତେ ହାରରେ ଭ୍ୟାଟ୍ ଲଗାଗଲା ଏବଂ ସରକାର ଭ୍ୟାଟ ବାବଦରେ କେତେ ଟଙ୍କା ପାଇବେ ହିସାବ କର ।
4. ଜଣେ ଏସି (ଏୟାର କଣ୍ଡିସନର) ନିର୍ମାଣକାରୀ ଡିଲରକୁ ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ ଏସି ବିକ୍ରି କଲେ । ଡିଲର ଗ୍ରାହକଙ୍କୁ ଏହି ଏସି 22,800 ଟଙ୍କାରେ ବିକ୍ରି କରି ଲାଭ 50% ପାଇଲେ । ଯଦି ଭ୍ୟାଟ୍ @ 4%, ତେବେ ଏସି ନିର୍ମାଣକାରୀ ଡିଲରକୁ କେତେ ଟଙ୍କାରେ ଏସି ବିକ୍ରି କଲେ ନିର୍ଣ୍ଣୟ କର ।
5. ଗୋପାଳ ଇଲେକ୍ଟ୍ରୋନିକ୍ସ 50 ଟିଭି ସେଟ୍‌କୁ ସେଟ୍ ପ୍ରତି 10,000 ଟଙ୍କାରେ କିଣିଲେ ଏବଂ ବିକ୍ରି କରି ପ୍ରତି ସେଟ୍‌ରେ 5000 ଟଙ୍କା ଲାଭ କଲେ । ଯଦି କମ୍ପାନୀ ସରକାରଙ୍କୁ 25000 ଟଙ୍କା ଭ୍ୟାଟ୍ ଦେଇଥା'ନ୍ତି, ତେବେ ଟିଭି ସେଟ୍ ପ୍ରତି ଲାଗୁଥିବା ଭ୍ୟାଟ୍ ହାର ନିର୍ଣ୍ଣୟ କର ।
6. ବବ୍ ରବର୍ଟ ଗୋଟି ପ୍ରତି 750 ଟଙ୍କା ଦରରେ 200ଟି ଇଲେକ୍ଟ୍ରି ଆଇରନ୍ କ୍ରୟ କଲେ ଏବଂ ପ୍ରଥମ 50ଟି ଆଇରନ୍‌ରେ 25 ଟଙ୍କା ଲାଭ କଲେ, ତାପର 50ଟି ଆଇରନ୍‌ରେ 50 ଟଙ୍କା ଲାଭ କଲେ, ତାପର 50ଟିରେ 75 ଟଙ୍କା ଲାଭ କଲେ ଏବଂ ତାପର 50 ଟିରେ 100 ଟଙ୍କା ଲାଭ କଲେ । ଯଦି 8% ହାରରେ ଭ୍ୟାଟ୍ ଲାଗୁ କରାଯାଏ, ତେବେ ସରକାରଙ୍କୁ ବବ୍ ରବର୍ଟ ସମୁଦାୟ କେତେ ଟଙ୍କା ଭ୍ୟାଟ୍ ଦେବେ ?

### 40.4.5 ବିକ୍ରିକରର ପ୍ରୟୋଗ

ଜଣେ ନିର୍ମାଣକାରୀ 100 ଟଙ୍କା ମୂଲ୍ୟ ବିଶିଷ୍ଟ ବସ୍ତୁ ଗୁଡିକୁ ତିଆରି କରନ୍ତି ଏବଂ ତା'ଉପରେ 10% ବିକ୍ରିକର ଦିଅନ୍ତି, ଅର୍ଥାତ୍ 10 ଟଙ୍କା ଦିଅନ୍ତି । ତେଣୁ ଏହାର ସମୁଦାୟ ବିକ୍ରି ମୂଲ୍ୟ ହୁଏ 110 ଟଙ୍କା ।

**ନିର୍ମାଣ କାରୀ :** 100+10 = 110

କ୍ରୟମୂଲ୍ୟ + ବିକ୍ରିକର 10% = ମୋଟ ବିକ୍ରିମୂଲ୍ୟ

ହୋଲସେଲର୍ ବସ୍ତୁ ଗୁଡିକୁ ନିର୍ମାଣକାରୀ ଠାରୁ 110 ଟଙ୍କାରେ କିଣିଲେ ଏବଂ ତା'ସହିତ ତାଙ୍କ ଲାଭ 20 ଟଙ୍କା ଏବଂ ବିକ୍ରିକର 10% ଯୋଗ କଲେ । ତେଣୁ ତାଙ୍କର ମୋଟ ବିକ୍ରିମୂଲ୍ୟ 143 ଟଙ୍କା ।

**ହୋଲସେଲର୍ :** 110+20 = 130, ବିକ୍ରିମୂଲ୍ୟ + ବିକ୍ରିକର = 130+13 = 143

କ୍ରୟମୂଲ୍ୟ + ଲାଭ = ବିକ୍ରିମୂଲ୍ୟ,

ବିକ୍ରିମୂଲ୍ୟ + ବିକ୍ରିମୂଲ୍ୟର 10% = ସମୁଦାୟ ବିକ୍ରିମୂଲ୍ୟ

ସେହି ଦ୍ରବ୍ୟକୁ ଦୋକାନୀ ହୋଲସେଲର ଠାରୁ 143 ଟଙ୍କାରେ କିଣିଲା ଏବଂ ନିଜର ଲାଭ 27 ଟଙ୍କା ଯୋଗ କଲା । ଫଳରେ ଏହା ବର୍ତ୍ତମାନ 170 ଟଙ୍କା ହେଲା । ବିକ୍ରିକର 10% = 17 ଟଙ୍କା



ଟିପ୍ପଣୀ

ମୋଟ ବିକ୍ରିମୂଲ୍ୟ = 170+17 = 187 ଟଙ୍କା

ଖୁଚୁରା ଦୋକାନୀର ମୋଟ ବିକ୍ରିମୂଲ୍ୟ : 143+27 + 17 = 170+17 = 187

କ୍ରୟମୂଲ୍ୟ + ଲାଭ = ବିକ୍ରିମୂଲ୍ୟ, ବିକ୍ରିମୂଲ୍ୟ + ବିକ୍ରିକର = ମୋଟ ବିକ୍ରିମୂଲ୍ୟ

ଏହି ପ୍ରଣାଳୀରେ ସରକାର ଆଦାୟ କରିଥିବା ବିକ୍ରିକର = 40 ଟଙ୍କା

ସରକାରଙ୍କର ସମୁଦାୟ କର = 10+13+17 = 40

### 40.4.6 ଭ୍ୟାଟ୍‌ର ପ୍ରୟୋଗ

ନିର୍ମାଣକାରୀ = 100+10 = 110

(କ୍ରୟ ମୂଲ୍ୟ + ଭ୍ୟାଟ = ମୋଟ ବିକ୍ରି ମୂଲ୍ୟ)

ହୋଲସେଲର : 110+20 = 130

(ମାତ୍ର ସେ କର ଦେବେ) 130–110 = 20 ଟଙ୍କା ଉପରେ, ଯାହା 2 ଟଙ୍କା

130+2 = 132

(ବିକ୍ରିମୂଲ୍ୟ + ଭ୍ୟାଟ୍ = ମୋଟ ବିକ୍ରିମୂଲ୍ୟ)

**ଖୁଚୁରା ଦୋକାନୀ :** 132+27 = 159

କ୍ରୟମୂଲ୍ୟ + ଲାଭ = ବିକ୍ରିମୂଲ୍ୟ, ବିକ୍ରିମୂଲ୍ୟ + ଭ୍ୟାଟ୍ = ମୋଟ ବିକ୍ରିମୂଲ୍ୟ

ସରକାରଙ୍କର ସମୁଦାୟ ଆଦାୟ କର = 10+2+2.7 = 14.7

ଉପରୋକ୍ତ ବର୍ଣ୍ଣନାରୁ ଏହା ସ୍ପଷ୍ଟ ଯେ ଯଦି ସମାନ ସମାନ କ୍ରୟ ମୂଲ୍ୟ ବିଶିଷ୍ଟ ବସ୍ତୁ ଦୁଇଟି ମଧ୍ୟରୁ ଗୋଟିଏ ଉପରେ ଭ୍ୟାଟ ଓ ଅନ୍ୟଟି ଉପରେ ବିକ୍ରିକର ଲାଗୁ ହୁଏ ଏବଂ ଭ୍ୟାଟ ଓ ବିକ୍ରିକର ହାର ସମାନ ହୋଇଥାଏ, ତେବେ ସରକାର ବିକ୍ରିକର କ୍ଷେତ୍ରରେ 40 ଟଙ୍କା ପାଇବା ସ୍ଥଳେ, ଭ୍ୟାଟ କ୍ଷେତ୍ରରେ 14.70 ଟଙ୍କା ପାଇବେ ।

### 40.4.7 ଭ୍ୟାଟ୍ ଏବଂ ବିକ୍ରିକର ମଧ୍ୟରେ ପାର୍ଥକ୍ୟ

| ବିକ୍ରିକର | ଭ୍ୟାଟ୍ |
|---|---|
| 1. ଜଟିଳ ପ୍ରଣାଳୀ | 1. ସରଳ କର ପ୍ରଣାଳୀ |
| 2. କରର ବିଭିନ୍ନ ସ୍ଲାବ୍ | 2. କରର କେବଳ ଚାରୋଟି ସ୍ଲାବ୍ |
| 3. ଗୋଟିଏ ସ୍ତରରେ ଆଦାୟ ହୁଏ ଅର୍ଥାତ୍ ପ୍ରଥମ କିମ୍ବା ଶେଷ | 3. ପ୍ରତ୍ୟେକ ସ୍ତରରେ ଲାଗୁ କରାଯାଏ |
| 4. ପଛକୁ ପଛ ଯୋଗ ହେଉଥିବା ମୂଲ୍ୟରେ କର ଲାଗୁ ହୁଏନାହିଁ । | 4. ପ୍ରତି ବର୍ଦ୍ଧିତ ମୂଲ୍ୟରେ କର ଲାଗୁ ହୁଏ |
| 5. ବହୁସ୍ତରୀୟ କରର ସମସ୍ୟା | 5. ପୂର୍ବବର୍ତ୍ତୀ କ୍ରୟ ଉପରେ ଛାଡ |
| 6. ପ୍ରଘଟ ହେବାରେ ନିରୁତ୍ସାହିତ | 6. ପ୍ରଘଟ ହେବାରେ ଉତ୍ସାହିତ |

### 40.4.8 ପରୋକ୍ଷ କରର ସୁବିଧା

1. ପରୋକ୍ଷ କର ସାଧାରଣତଃ ବସ୍ତୁର ମୂଲ୍ୟ ଏବଂ ଏହା ଦ୍ୱାରା ଉପଲବ୍ଧ ସେବା ମୂଲ୍ୟ ମଧ୍ୟରେ ଲୁକ୍କାୟିତ ରହିଥାଏ । ତେଣୁ ଏହାର ଉପସ୍ଥିତି ବେଶି ଜଣାପଡେ ନାହିଁ ।
2. ଯଦି ପରୋକ୍ଷ କର ଗୁଡ଼ିକୁ ଠିକ୍ ଭାବରେ ଲାଗୁ କରାଗଲେ, ଟିକସ୍ ଫାଙ୍କିର ସମ୍ଭାବନା କମିଯିବ ।
3. ପରୋକ୍ଷ କର କୌଣସି ଅର୍ଥ ବ୍ୟବସ୍ଥାର ଉତ୍ପାଦନ ଏବଂ ନିବେଶ କାର୍ଯ୍ୟକଳାପକୁ ଶୃଙ୍ଖଳିତ କରିବାର ଏକ ଶକ୍ତିଶାଳୀ ଉପକରଣ ଅଟେ । ଅର୍ଥାତ୍, ଏହା ଅର୍ଥ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବ ।

**40.4.9 ପରୋକ୍ଷ କରର ଅସୁବିଧା**

1. ଏହା କହିବା ଠିକ୍ ହେବ ଯେ ଏହି କର ଗୁଡିକ କର ଦେବା ଇଚ୍ଛା ଉପରେ ନକରାତ୍ମକ ପ୍ରଭାବ ପକାଏ । ତେଣୁ ଏହା ଗରିବ ଲୋକମାନଙ୍କ ପାଇଁ ଅନ୍ୟାୟ । ଯେହେତୁ ବହୁତ ରାଜସ୍ୱ ଆଦାୟ ଏହାର ମୂଳ ଲକ୍ଷ୍ୟ ଥାଏ, ତେଣୁ କର ଗୁଡିକ ଦ୍ରବ୍ୟ ଗୁଡିକ ଉପରେ ବ୍ୟାପି ଥାଏ, ଯେଉଁ ଗୁଡିକୁ ଗରିବ ଲୋକମାନେ ସାଧାରଣତଃ କ୍ରୟ କରନ୍ତି । ଏହାଦ୍ୱାରା ସେମାନଙ୍କ ଉପରେ ନକରାତ୍ମକ ପ୍ରଭାବ ପଡେ ।
2. ଯଦି ବି ପରୋକ୍ଷ କର ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ଅଧିକ ଲାଗୁ କରାଯାଏ, ତେବେ ଏଥିରୁ ଅଧିକ ଲାଭ ହେବ ନାହିଁ କାରଣ ଏଥିରୁ ରାଜ୍ୟ ପାଇଁ ଅଧିକ ରାଜସ୍ୱ ମିଳିବ ନାହିଁ ।
3. ପ୍ରତ୍ୟକ୍ଷ କର କରଦାତାର କ୍ରୟ କରିବାର ଶକ୍ତିକୁ କିଛି ସମୟରେ ହ୍ରାସ କରିଦିଏ ଏବଂ ଏହା ବସ୍ତୁ ଗୁଡିକର ଆବଶ୍ୟକତା ଏବଂ ମୂଲ୍ୟକୁ କମ୍ କରିବା ଉପରେ ପ୍ରଭାବ ପକାଏ । ଅନ୍ୟପକ୍ଷରେ ପରୋକ୍ଷ କର ବସ୍ତୁ ଗୁଡିକର ମୂଲ୍ୟ ସହିତ ଯୋଗ କରିବା ଦ୍ୱାରା ବସ୍ତୁର ମୂଲ୍ୟ ଅଧିକ ହୁଏ ଏବଂ ଏହା କ୍ରୟ ଶକ୍ତିକୁ ପ୍ରଭାବିତ କରେନାହିଁ । ଏହି କାରଣରୁ ବସ୍ତୁର ମୂଲ୍ୟ ବଢ଼େ, ଦରମା ବଢ଼େ ଏବଂ ପୁଣି ମୂଲ୍ୟ ମଧ୍ୟ ବଢ଼େ ।

**ଉଦାହରଣ 40.23** ଜଣେ ହୋଲସେଲର, ନିର୍ମାଣକାରୀ ଠାରୁ @ 80 ଟଙ୍କା ମିଟର ପ୍ରତି, 15 ମିଟର କପଡା କିଣିଲେ ଏବଂ ଏହାକୁ ମିଟର ପ୍ରତି 20 ଟଙ୍କା ଯୋଗ କରି ଖୁଚୁରା ଦୋକାନୀଙ୍କୁ ବିକ୍ରି କଲେ । ଖୁଚୁରା ଦୋକାନୀ ମିଟର ପ୍ରତି 50 ଟଙ୍କା ଲାଭ ରଖି ଏହାକୁ ବିକ୍ରି କଲେ । ଏହି କାରବାର ପାଇଁ ସରକାରଙ୍କୁ ମୋଟ କେତେ କର ଦିଆଯିବ ହିସାବ କର : (i) ଭ୍ୟାଟ୍ ବ୍ୟବସ୍ଥାରେ (ii) ବିକ୍ରି କର ବ୍ୟବସ୍ଥାରେ, ପ୍ରତ୍ୟେକ କରର ହାର @ 8% ହୁଏ ।

**ସମାଧାନ :** (i) ହୋଲସେଲରଙ୍କ କ୍ରୟମୂଲ୍ୟ = $(15\times80)$ ଟଙ୍କା = 1200 ଟଙ୍କା

ଭ୍ୟାଟ୍ 8% = 96 ଟଙ୍କା

ମୋଟ = 1296 ଟଙ୍କା

ମୂଲ୍ୟ ଯୋଗ କରାଯିବ = $15\times20$ ଟଙ୍କା = 300 ଟଙ୍କା

ଭ୍ୟାଟ୍ = $300\times\frac{8}{100}$ ଟଙ୍କା = 24 ଟଙ୍କା

ଖୁଚୁରା ଦୋକାନୀ କ୍ରୟମୂଲ୍ୟ = 1620 ଟଙ୍କା

ଦୋକାନୀ ଦ୍ୱାରା ଯୋଗ ହେବା ମୂଲ୍ୟ = $(15\times50)$ ଟଙ୍କା = 750 ଟଙ୍କା

ଭ୍ୟାଟ୍ = $750\times\frac{8}{100}$ ଟଙ୍କା = 60 ଟଙ୍କା

$\therefore$ ବିକ୍ରିମୂଲ୍ୟ = 2430 ଟଙ୍କା

ମୋଟ କର = (96+24+60) ଟଙ୍କା = 180 ଟଙ୍କା

(ii) ହୋଲ୍‌ସେଲରଙ୍କ କ୍ରୟମୂଲ୍ୟ = 1200 ଟଙ୍କା

ବିକ୍ରି କର = 96 ଟଙ୍କା

ମୋଟ = 1296 ଟଙ୍କା

ମୂଲ୍ୟ ଯୋଗ = 300 ଟଙ୍କା

ମୋଟ = 1596 ଟଙ୍କା

ବିକ୍ରିକର = $\left(\frac{8}{100}\times1596\right)$ ଟଙ୍କା = 128 ଟଙ୍କା

ସମୁଦାୟ = 1724 ଟଙ୍କା

ଦୋକାନୀ ଦ୍ୱାରା ଯୋଗ ହେଉଥିବା ମୂଲ୍ୟ = $(15\times50)$ ଟଙ୍କା = 750 ଟଙ୍କା

ମୋଟ = (1724+750) ଟଙ୍କା = 2474 ଟଙ୍କା

ବିକ୍ରିକର 8% (2474 ଟଙ୍କାର) = 198 ଟଙ୍କା

ନେଟ୍ ବିକ୍ରିମୂଲ୍ୟ = 2672 ଟଙ୍କା

ମୋଟ ବିକ୍ରିକର ଦେୟ = (96+128+198) ଟଙ୍କା = 422 ଟଙ୍କା

**ଉଦାହରଣ 40.24** ଏକ ଟିଭି ସେଟ୍‌କୁ ଜଣେ ନିର୍ମାଣକାରୀ, ହୋଲସେଲରକୁ 20,000 ଟଙ୍କା ଦରରେ ବିକ୍ରି କଲେ । ହୋଲସେଲର ଏହାକୁ ଖୁଚୁରା ଦୋକାନୀକୁ 25,500 ଟଙ୍କାରେ ବିକ୍ରି କଲେ ଏବଂ ଖୁଚୁରା ଦୋକାନୀ ଏହାକୁ ଗ୍ରାହକଙ୍କୁ 31000 ଟଙ୍କାରେ ବିକ୍ରି କଲେ । ଯଦି ଭ୍ୟାଟ୍ ହେଉ କିମ୍ବା ବିକ୍ରିକର ହେଉ, ପ୍ରତି ସ୍ତରରେ ଅତିରିକ୍ତ 10% ଲାଗୁ ହୁଏ, ତେବେ ସରକାର ସମୁଦାୟ କେତେ ଟଙ୍କା କର ଆଦାୟ କରିବେ, (i) ଭ୍ୟାଟ୍ ମାଧ୍ୟମରେ (ii) ବିକ୍ରିକର ମାଧ୍ୟମରେ, ହିସାବ କର ।

**ସମାଧାନ :** (i) ହୋଲସେଲରଙ୍କ କ୍ରୟମୂଲ୍ୟ = 20000 ଟଙ୍କା

ଭ୍ୟାଟ୍ (10%) = 2000 ଟଙ୍କା

ସମୁଦାୟ = 22000 ଟଙ୍କା

ଯେହେତୁ ସେ 25500 ଟଙ୍କାରେ ବିକ୍ରି କରିଛନ୍ତି, ତେଣୁ ଯୋଗ କରାଯାଇଥିବା ମୂଲ୍ୟ = 3500 ଟଙ୍କା

∴ ଭ୍ୟାଟ୍ (10%) = 350 ଟଙ୍କା

∴ ଖୁଚୁରା ଦୋକାନୀଙ୍କ ପାଇଁ ଦାମ୍ = 25850 ଟଙ୍କା

ଖୁଚୁରା ଦୋକାନୀଙ୍କ ବିକ୍ରି ଦାମ୍ = 31000 ଟଙ୍କା

ତେଣୁ ଯୋଗ କରିଥିବା ମୂଲ୍ୟ = 5150 ଟଙ୍କା

ଭ୍ୟାଟ୍ (10%) = 515 ଟଙ୍କା

ତେଣୁ ମୋଟ ଭ୍ୟାଟ୍ ଦେୟ

= (2000+350+515) ଟଙ୍କା = 2865 ଟଙ୍କା

(ii) **ବିକ୍ରିକର ବ୍ୟବସ୍ଥା ଅନୁସାରେ**

ନିର୍ମାଣକାରୀ ଦେଉଥିବା ବିକ୍ରିକର = 2000 ଟଙ୍କା

ହୋଲ୍‌ସେଲରଙ୍କ ଦ୍ୱାରା ଦତ୍ତ ବିକ୍ରିକର = 25500×10% = 2550 ଟଙ୍କା

ଖୁଚୁରା ଦୋକାନୀଙ୍କ ଦ୍ୱାରା ଦତ୍ତ ବିକ୍ରିକର

= 31000×10% = 3100 ଟଙ୍କା

∴ ମୋଟ ବିକ୍ରିକର = (2000+2550+3100) ଟଙ୍କା = 7650 ଟଙ୍କା

**ଉଦାହରଣ 40.25** ଗୋଟିଏ ଫାର୍ମ ଦିନକୁ 100ଟି ବସ୍ତୁ ତିଆରି କରନ୍ତି ଏବଂ ପ୍ରତି ବସ୍ତୁକୁ 20 ଟଙ୍କା ଦାମ୍‌ରେ ହୋଲସେଲର୍‌କୁ ବିକ୍ରି କରନ୍ତି । ଯଦି ହୋଲସେଲର୍ ଲାଭ 500 ଟଙ୍କା ଯୋଗ କରି ଖୁଚୁରା ଦୋକାନୀଙ୍କୁ ବିକ୍ରି କରନ୍ତି ଏବଂ ଖୁଚୁରା ଦୋକାନୀ ଲାଭ 1000 ଟଙ୍କା ଯୋଗ କରି ବିକ୍ରି କରନ୍ତି, ତେବେ ସମସ୍ତ କାରବାରରେ ସରକାର କେତେ କର ଆଦାୟ କରିବେ : (i) ଭ୍ୟାଟ୍ ବ୍ୟବସ୍ଥାରେ (ii) ବିକ୍ରିକର ବ୍ୟବସ୍ଥାରେ, କରର ହାର 10% ବୋଲି ଦିଆଯାଇଛି ।

**ସମାଧାନ :** (i) ହୋଲସେଲର୍‌ଙ୍କ କ୍ରୟମୂଲ୍ୟ = (20×100) ଟଙ୍କା = 2000 ଟଙ୍କା

ଭ୍ୟାଟ୍ = 200 ଟଙ୍କା

ମୋଟ = 2200 ଟଙ୍କା

ହୋଲସେଲର୍‌ଙ୍କ ଯୋଗ କରିଥିବା ମୂଲ୍ୟ = 500 ଟଙ୍କା

ଭ୍ୟାଟ୍ (10%) = 50 ଟଙ୍କା

ମୋଟ = 2750 ଟଙ୍କା

ଖୁଚୁରା ଦୋକାନୀଙ୍କ ଦ୍ୱାରା ଯୋଗ କରିଥିବା ମୂଲ୍ୟ = 1000 ଟଙ୍କା





| | |
|---|---|
| ଭ୍ୟାଟ୍ (10%) | = 100 ଟଙ୍କା |
| ମୋଟ | = 3850 ଟଙ୍କା |
| ∴ ମୋଟ ଭ୍ୟାଟ୍ (କର) | = (200+50+100) ଟଙ୍କା = 350 ଟଙ୍କା |

(ii) **ବିକ୍ରିକର ବ୍ୟବସ୍ଥାରେ**

| | |
|---|---|
| ହୋଲ୍‌ସେଲରଙ୍କ କ୍ରୟମୂଲ୍ୟ | = 2000 ଟଙ୍କା |
| ବିକ୍ରିକର | = 200 ଟଙ୍କା |
| ମୋଟ | = 2200 ଟଙ୍କା |
| ହୋଲ୍‌ସେଲ୍‌ରଙ୍କ ଯୋଗ କରିଥିବା ମୂଲ୍ୟ | = 500 ଟଙ୍କା |
| ମୋଟ୍ | = 2700 ଟଙ୍କା |
| ∴ କର | = 270 ଟଙ୍କା |
| ମୋଟ | = 2970 ଟଙ୍କା |
| ଖୁଚୁରା ଦୋକାନୀ ଯୋଗ କରିଥିବା ମୂଲ୍ୟ | = 1000 ଟଙ୍କା |
| ∴ ମୋଟ | = 3970 ଟଙ୍କା |
| ∴ କର | = 397 ଟଙ୍କା |
| ମୋଟ | = 4367 ଟଙ୍କା |

∴ ମୋଟ୍ ବିକ୍ରିକର = (200+270+397) ଟଙ୍କା = 867 ଟଙ୍କା

## ଆସ ନିଜେ ନିଜକୁ ପରଖିବା 40.4

1. ଜଣେ ହୋଲ୍‌ସେଲର୍ ଜଣେ ନିର୍ମାତାଙ୍କ ଠାରୁ କରକୁ ଛାଡି ଚୌକି ପ୍ରତି 100 ଟଙ୍କା ଦାମ୍‌ରେ 15ଟି ଚୌକି କିଣିଲେ ଏବଂ ସେଗୁଡିକୁ ଜଣେ ଖୁଚୁରା ଦୋକାନୀଙ୍କୁ ଚୌକି ପ୍ରତି 50 ଟଙ୍କା ଯୋଗ କରି ବିକ୍ରି କଲେ । ଏହି କାରବାରରେ ସରକାରଙ୍କୁ ମୋଟ କେତେ କର ମିଳିବ ହିସାବ କର : (i) ବିକ୍ରିକର ବ୍ୟବସ୍ଥାରେ (ii) ଭ୍ୟାଟ ବ୍ୟବସ୍ଥାରେ, ଯଦି ପ୍ରତି ସ୍ତରରେ ବିକ୍ରିକର କିମ୍ବା ଭ୍ୟାଟ୍ 12·5% ହାରରେ ଲାଗୁ ହୁଏ ।
2. ଜଣେ ଡିଲର କିଗ୍ରା ପ୍ରତି 10 ଟଙ୍କା ଦରରେ 30 କିଗ୍ରା ଗହମ କିଣିଲେ । ପ୍ରତି କିଗ୍ରାରେ 5 ଟଙ୍କା ଲାଭ ରଖି ଡିଲର ସେହି ଗହମକୁ ଖୁଚୁରା ଦୋକାନୀକୁ ବିକ୍ରି କଲେ । ଶେଷରେ ଖୁଚୁରା ଦୋକାନୀ ଏହାକୁ ଗ୍ରାହକମାନଙ୍କୁ କିଗ୍ରା ପ୍ରତି 22.55 ଟଙ୍କାରେ ବିକ୍ରି କଲେ । ପ୍ରତ୍ୟେକ ସ୍ତରରେ ଯଦି ଭ୍ୟାଟର 10% ହୁଏ ତେବେ ସରକାରଙ୍କ ଦ୍ୱାରା ସମୁଦାୟ କେତେ ଟଙ୍କା ଭ୍ୟାଟ୍‌ରେ ଆଦାୟ ହେବ ?



## ଆମେ ଯାହା ଶିଖିଲେ

- ସରକାରଙ୍କୁ ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ କେତେ ପ୍ରକାର କାର୍ଯ୍ୟ କରିବାକୁ ପଡେ । ଏହିସବୁ କାର୍ଯ୍ୟ କରିବା ପାଇଁ ଅର୍ଥର ଆବଶ୍ୟକତା ଥାଏ । ତେଣୁ ସରକାର ଏହି ଅର୍ଥ ଜନସାଧାରଣଙ୍କ ଠାରୁ ଫିଜ୍, ଅର୍ଥଦଣ୍ଡ, ଅତିରିକ୍ତ କର ଏବଂ କର ମାଧ୍ୟମରେ ସଂଗ୍ରହ କରନ୍ତି ।
- ରାଜସ୍ୱର ଗୁରୁତ୍ୱପୂର୍ଣ୍ଣ ଉତ୍ସ ହେଉଛି କର ।
- ସବୁ ଉତ୍ସରୁ ସରକାରଙ୍କର ଆୟକୁ ସର୍ବସାଧାରଣ (Public) ଆୟ ବା ସର୍ବସାଧାରଣ ରାଜସ୍ୱ କୁହାଯାଏ ।
- ବିଭିନ୍ନ ସ୍ତରରେ ସରକାର ବିଭିନ୍ନ ପ୍ରକାରର କର ଲାଗୁ କରନ୍ତି, ଯଥା କେନ୍ଦ୍ର ସରକାର ଲାଗୁ କରୁଥିବା କର ହେଉଛି ଆୟକର, ଶିକ୍ଷା ସେସ୍, ସମ୍ପତ୍ତି କର, କେନ୍ଦ୍ରୀୟ ଉତ୍ପାଦ କର, ସୀମା ଶୁଳ୍କ, କେନ୍ଦ୍ରୀୟ ଆୟକର ଇତ୍ୟାଦି ଏବଂ ରାଜ୍ୟ ସରକାର, ବିକ୍ରିକର (ବର୍ତ୍ତମାନ ଭ୍ୟାଟ), ରାଜ୍ୟ ଉତ୍ପାଦ କର, ମନୋରଞ୍ଜନ କର, କୃଷିକର ଆଦି, ଆଞ୍ଚଳିକ ସଂସ୍ଥା (Local bodies) ସମ୍ପତ୍ତି କର, ବୃତ୍ତିକର ଅକ୍ଟ୍ରାଇ କର, ଶିକ୍ଷାକର ଆଦି ଲାଗୁ କରିଥାଆନ୍ତି ।



ଟିପ୍ପଣୀ

- ବିଭିନ୍ନ ଭୁଲ ଲାଗି ଅର୍ଥଦଣ୍ଡ ଦେବା ବାଧ୍ୟତାମୂଳକ ଅଟେ ଏବଂ ଏହାଦ୍ୱାରା ଲୋକମାନେ ଶୃଙ୍ଖଳିତ ହୁଅନ୍ତି । ଫିସ୍ ମଧ୍ୟ ଏକ ବାଧ୍ୟତାମୂଳକ ଦେୟ ଯାହା ଲୋକମାନେ ସରକାରଙ୍କ ଠାରୁ ପାଇଥିବା ସାହାଯ୍ୟ ବା ସେବାର ପ୍ରତିବଦଳରେ ପାଆନ୍ତି । ମାତ୍ର କର ହେଉଛି ଏକ ବାଧ୍ୟତାମୂଳକ ଦେୟ ଯାହା ସରକାରଙ୍କ ଦ୍ୱାରା ବ୍ୟକ୍ତି ବା କମ୍ପାନୀ ଗୁଡିକ ଉପରେ ଲାଗୁ କରାଯାଏ । ଦେଶର ଜନସାଧାରଣଙ୍କ ସାହାଯ୍ୟ ପାଇଁ ହେଉଥିବା ବ୍ୟୟକୁ ଭରଣା କରିବାରେ ସରକାର ଏହାକୁ ବ୍ୟୟ କରନ୍ତି ।
- ପ୍ରତ୍ୟକ୍ଷ କର ଗୁଡିକ ସେହି କର ଯାହାର ଭାର ଅନ୍ୟ ଉପରକୁ ଖସାଇ ଦିଆଯାଇପାରେ ନାହିଁ ଏବଂ ଯେଉଁ ବ୍ୟକ୍ତି ଏହା ସରକାରଙ୍କୁ ଦିଏ, ସେ କରର ଭାର ବହନ କରେ । ପରୋକ୍ଷ କର ଗୁଡିକ ସେହି କର ଯାହାର ଭାର ଅନ୍ୟମାନଙ୍କ ଉପରକୁ ଖସାଇ ଦିଆଯାଇପାରେ, ଯିଏ ଏହି କର ସରକାରଙ୍କୁ ଦିଏ, ସେ ନିଜେ ସମସ୍ତ ଭାର ବହନ କରେ ନାହିଁ, କରର ସମସ୍ତ ଭାର ବା ଆଂଶିକ ଭାର ଅନ୍ୟମାନଙ୍କ ଉପରକୁ ଖସାଇ ଦିଅନ୍ତି ।
- ଉତ୍ପାଦ କର କେବଳ ସେହି ସବୁ ବସ୍ତୁ ଗୁଡିକ ଉପରେ ଲାଗୁ କରାଯିବ ଯାହା ଭାରତରେ ନିର୍ମିତ ହୋଇଥିବ (ବିଶେଷ ଅର୍ଥନୈତିକ ପରିସରରୁ ବାହାରୁଥିବା ବା ନିର୍ମିତ ହେଉଥିବା ବସ୍ତୁ ଗୁଡିକୁ ଛାଡି) ।
- ସାଧାରଣତଃ 16% ଉତ୍ପାଦ କର ଏବଂ 2% ସେସ୍ ବସ୍ତୁଗୁଡିକ ମଧ୍ୟରୁ ଅଧିକାଂଶ ଉପରେ ଲାଗୁ କରାଯାଏ । ବ୍ୟତିକ୍ରମ ହେଉଛି ଟେକ୍ସଟାଇଲ ଉଦ୍ୟୋଗ । କେତେକ କ୍ଷେତ୍ରରେ ସରକାର ଭିନ୍ନ ଶ୍ରେଣୀ ପାଇଁ ଭିନ୍ନ ଭିନ୍ନ ହାର ସ୍ଥିର କରିଥାଆନ୍ତି ।
- କରର ବିଳମ୍ବ ପୈଠ ପାଇଁ, 5 ତାରିଖ ବା 15 ତାରିଖ ପରେ ବିଳମ୍ବ ହୋଇଥିବା ସମୟ ପାଇଁ ମାସକୁ 13% ହାରରେ ସୁଧ ବା ଦିନକୁ 1000 ଟଙ୍କା, ଯେଉଁଟି ଅଧିକ ହେବ, କର ସହିତ ତାହା ଦେବାକୁ ପଡ଼େ ।
- **କର ଛାଡ :** କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ନିୟମ ଅନୁସାରେ ଯଦି ବସ୍ତୁଗୁଡିକ କୌଣସି ବଣ୍ଡରେ ରପ୍ତାନୀ କରାଯାଏ (ନେପାଳ ଏବଂ ଭୁଟାନକୁ ରପ୍ତାନୀ ବ୍ୟତୀତ) ତେବେ ଉତ୍ପାଦ ଶୁଳ୍କ ଛାଡ କରାଯାଏ । ସେହିପରି, ବିଶେଷ ଅର୍ଥନୈତିକ ପରିସର (SEZ) ମଧ୍ୟରେ ନିର୍ମିତ ବସ୍ତୁଗୁଡିକ ଉତ୍ପାଦ ଶୁଳ୍କ ବିଶିଷ୍ଟ ବସ୍ତୁ ନୁହଁନ୍ତି । ତେଣୁ ଏଗୁଡିକ ଉପରେ ଉତ୍ପାଦ ଶୁଳ୍କ ଲାଗୁ କରାଯାଏ ନାହିଁ ।
- ଆମଦାନୀ ଏବଂ ରପ୍ତାନୀ ହେଉଥିବା ବସ୍ତୁ ବା ଦ୍ରବ୍ୟ ଉପରେ ସରକାରଙ୍କ ଦ୍ୱାରା ଲାଗୁ ହେଉଥିବା କରକୁ ସୀମା ଶୁଳ୍କ କୁହାଯାଏ ।
- ନିର୍ଦ୍ଦିଷ୍ଟ ଦ୍ରବ୍ୟ କ୍ରୟ ସମୟରେ ଉପଭୋକ୍ତାଙ୍କ ଦ୍ୱାରା ଦିଆଯାଉଥିବା କରକୁ ବିକ୍ରି କର କୁହାଯାଏ ।
- ଭାରତରେ ବର୍ତ୍ତମାନର ବିକ୍ରିକର ସ୍ଥାନ ଭ୍ୟାଟ ନେବ । ଚଳିତ ଏକ ସ୍ତରୀୟ କର ଲାଗୁ ପ୍ରଣାଳୀ ମଧ୍ୟରେ, ରାଜ୍ୟ ଭିତରକୁ ଆଣୁଥିବା ବସ୍ତୁ ଗୁଡିକର ନିର୍ମାଣକାରୀ ବା ଆମଦାନୀ କାରୀ ବିକ୍ରିକର ଦେବାକୁ ବାଧ୍ୟ । ପରବର୍ତ୍ତୀ ବଣ୍ଟନ ପ୍ରଣାଳୀରେ ଆଉ ବିକ୍ରିକର ନଥାଏ । ସରଳ ଭାଷାରେ ଭ୍ୟାଟ୍ ଏକ ବହୁସ୍ତରୀୟ ଅସୁଲ ବ୍ୟବସ୍ଥା ଯାହାକୁ ଯୋଗାଣ ଚେନ୍‌ର ପ୍ରତ୍ୟେକ ଯୋଗ ହେଉଥିବା ମୂଲ୍ୟ ଉପରେ ଲାଗୁ କରାଯାଏ, ଯାହାକୁ ବିଭିନ୍ନ ସ୍ତରରେ ଦେବାର ସୁବିଧା ଥାଏ । ଅର୍ଥାତ୍ ଜଣେ ବେପାରୀକୁ ବସ୍ତୁ ଗୁଡିକର କ୍ରୟ ସମୟରେ ଏବଂ ନିର୍ମାଣକାରୀକୁ କଞ୍ଚାମାଲ ଖରିଦ କରିବା ସମୟରେ ଏହି କର ଦେବାର ବ୍ୟବସ୍ଥା ଥାଏ ।
- **ଭ୍ୟାଟ୍‌ର ରେଟ୍ :** ଭ୍ୟାଟ୍‌ର ଚାରୋଟି ସ୍ଲାବ ଅଛି ଯାହାକୁ ବିଭିନ୍ନ ବସ୍ତୁ ଉପରେ ଲାଗୁ କରାଯାଏ । ଏହି ସ୍ଲାବ୍ ଗୁଡ଼ିକ ହେଉଛି 1%, 4%, 12·5% ଏବଂ 20% ।
- **ଟ୍ୟାକ୍ସ କ୍ରେଡିଟ୍** : ଜଣେ ପଞ୍ଜିକୃତ ଡିଲରଙ୍କର କର ଅବଧିରେ ସେ କ୍ରୟ କରୁଥିବା ଟର୍ଣ୍ଣଓଭର ଲାଗି କର କ୍ରେଡିଟ୍ ପାଇଁ ଅଧିକାର ଥାଏ, ଯେଉଁଠାରେ ଜଣେ ଡିଲର ଭାବରେ ତାଙ୍କର କ୍ରୟ କରିବାର କାର୍ଯ୍ୟକଳାପ ରହିଥାଏ ଏବଂ ବସ୍ତୁଗୁଡ଼ିକର ବିକ୍ରି କ୍ଷେତ୍ରରେ ସେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବସ୍ତୁ ଗୁଡ଼ିକର ବ୍ୟବହାର କରିଥା'ନ୍ତି ।
- **ନେଟ୍ କର :** କର ଅବଧି ମଧ୍ୟରେ ଏକ ଡିଲର ଦ୍ୱାରା ପୈଠ ହେଉଥିବା ନେଟ୍ କର ନିର୍ଣ୍ଣୟର ସୂତ୍ର :
  ନେଟ୍ କର = O–I–C, ଯେଉଁଠାରେ

O = କର ଅବଧି ମଧ୍ୟରେ କର ପରିସରଭୁକ୍ତ ଟର୍ଣ୍ଣଓଭର ଉପରେ ନିର୍ଦ୍ଧାରିତ କର ହାରରେ କର ଦାତାର ଦେୟ କରର ପରିମାଣ ।

I = କର ଅଧିନିୟମ ଅନୁସାରେ କର ଅବଧିରେ କର ଦାତାଙ୍କର କର ଆଡଜଷ୍ଟ କରିବା ପାଇଁ ହକ୍ ଥିବା କର କ୍ରେଡିଟ୍‌ର ପରିମାଣ ।

C = ପୂର୍ବ କର ନିର୍ଦ୍ଧାରଣ ସମୟରେ ଆଗକୁ ନିଆଯାଇଥିବା ପରିମାଣ, ଯଦି ଥାଏ ।

- ଯଦି ସମାନ ରେଟ୍‌ରେ ବିକ୍ରିକର ଏବଂ ଭ୍ୟାଟ୍ ସମାନ କ୍ରୟ ମୂଲ୍ୟ ବିଶିଷ୍ଟ ବସ୍ତୁଗୁଡିକ ଉପରେ ଲାଗୁ କରାଯାଏ, ତେବେ ଭ୍ୟାଟ୍ ଅପେକ୍ଷା ସରକାର ବିକ୍ରିକର କ୍ଷେତ୍ରରେ ଅଧିକ ଆଦାୟ କରିବେ । କିନ୍ତୁ ଭ୍ୟାଟ୍‌ର କଭରେଜ୍ ଅଧିକ, କାରଣ ଭ୍ୟାଟ୍ କ୍ଷେତ୍ରରେ ଟିକସ ଫାଙ୍କି ସମ୍ଭାବନା ପ୍ରାୟ ନଥାଏ ।

## ସହାୟକ ୱେବ୍ ସାଇଟ୍

- *http://www.wikipedia.org*
- *http://www. dvat. gov.in*

## ପାଠ ଶେଷ ଅଭ୍ୟାସ କାର୍ଯ୍ୟ

1. ଗୋଟିଏ ଗାରମେଣ୍ଟ କମ୍ପାନୀ ଦିନକୁ 20ଟି ଗଦି ତିଆରି କରନ୍ତି ଏବଂ କଞ୍ଚାମାଲ ଭାବରେ କିଗ୍ରା ପ୍ରତି 100 ଟଙ୍କା ଦରର ତୁଳା ଏବଂ ମିଟର ପ୍ରତି 50 ଟଙ୍କା ଦରର କପଡ଼ା ବ୍ୟବହାର କରନ୍ତି । ଗୋଟିଏ ଗଦି ତିଆରି ପାଇଁ 2 କିଗ୍ରା ତୁଳା ଏବଂ 5 ମିଟର କପଡା ବ୍ୟବହାର କରନ୍ତି । ତୁଳା ଉପରେ ଉତ୍ପାଦ ଶୁଳ୍କ 8%, କପଡା ଉପରେ 10% ଏବଂ ଗଦି ଉପରେ ଉତ୍ପାଦ ଶୁଳ୍କ 12% । ତେବେ ସରକାରଙ୍କୁ ମୋଟ କେତେ ଟଙ୍କା ଶୁଳ୍କ ଦିଆଯିବ ଯଦି କମ୍ପାନୀ ଦ୍ୱାରା ପ୍ରତି ଗଦିରେ ଯୋଗ ହେଉଥିବା ମୂଲ୍ୟ 109 ଟଙ୍କା ହୁଏ ଏବଂ ଯଦି କାରବାର (i) ସେନ୍‌ଭାଟ୍ ବିହୀନ (ii) ସେନ୍‌ଭାଟ ସହିତ କରାଯିବ ?
2. ମିତଲ ଏବଂ କମ୍ପାନୀ 25,000 ଟଙ୍କା ନିବେଶ କରି ଦିନକୁ 500 କିଗ୍ରାର ଷ୍ଟିଲ ବାସନକୁସନ ତିଆରି କରନ୍ତି । ଉତ୍ପାଦ ଶୁଳ୍କ 16% ଏବଂ ଶିକ୍ଷା ସେସ୍ 2% । ଯଦି ନିର୍ଦ୍ଧାରିତ ତାରିଖର 12 ଦିନ ପରେ ଶୁଳ୍କ ପୈଠ ହୁଏ, ତେବେ କେତେ ଟଙ୍କା ଜୋରିମାନା ଦେବାକୁ ହେବ ହିସାବ କର ।
3. ଜଣେ କମ୍ପ୍ୟୁଟର ଡିଲର 10,500 ଟଙ୍କାରେ କମ୍ପ୍ୟୁଟର କ୍ରୟ କରି 15,000 ଟଙ୍କାରେ ବିକ୍ରି କରନ୍ତି । କମ୍ପ୍ୟୁଟର କ୍ଷେତ୍ରରେ ଭ୍ୟାଟ୍ 8% ହାରରେ ଲାଗୁ କରାଯାଏ ଏବଂ ସେ 2% ହାରରେ ରିହାତି ପାଆନ୍ତି । ସେ କେତେ ଟଙ୍କା ଭ୍ୟାଟ୍ ପାଇଁ ଦେବେ ଏବଂ ସରକାର ସମୁଦାୟ କେତେ ଭ୍ୟାଟ୍ ଆଦାୟ କରିବେ ?
4. ଜଣେ ହୋଲ୍‌ସେଲର୍ ମିଟରକୁ 80 ଟଙ୍କା ଦାମ୍‌ରେ 50 ମିଟର କପଡା ନିର୍ମାଣକାରୀ ଠାରୁ କିଣିଲେ ଏବଂ ମିଟର ପ୍ରତି 20 ଟଙ୍କା ଯୋଗ କରି ଖୁଚୁରା ଦୋକାନୀକୁ ବିକ୍ରି କଲେ । ଖୁଚୁରା ଦୋକାନୀ ମିଟର ପ୍ରତି 50 ଟଙ୍କା ଲାଭ ରଖି ସେଗୁଡିକୁ ବିକ୍ରି କଲେ । ଏହି ସମସ୍ତ କାରବାରରେ ସରକାରଙ୍କୁ ସମୁଦାୟ କେତେ କର ଦିଆଯିବ (i) ଭାଟ୍ ମାଧ୍ୟମରେ (ii) ବିକ୍ରିକର ମାଧ୍ୟମରେ, ଯଦି ଉଭୟ ପାଇଁ କରର ହାର 8% ଲାଗୁ କରାଯାଏ ।

ଟିପ୍ପଣୀ

## ଉତ୍ତର ମାଳା

### ଆସ ନିଜେ ନିଜକୁ ପରଖିବା 40.1

| | | |
|---|---|---|
| 1. | 12,826.26 ଟଙ୍କା | 2. 4500 ଟଙ୍କା |
| 3. | 30,000 ଟଙ୍କା | 4. 1,92,000 ଟଙ୍କା |
| 5. | 5,16,000 ଟଙ୍କା | |

### ଆସ ନିଜେ ନିଜକୁ ପରଖିବା 40.2

| | | |
|---|---|---|
| 1. | 33,915 ଟଙ୍କା | 2. 913 ଟଙ୍କା |
| 3. | 4590 କୋଟି ଟଙ୍କା | 4. 5,76,810 ଟଙ୍କା |

### ଆସ ନିଜେ ନିଜକୁ ପରଖିବା 40.3

| | | |
|---|---|---|
| 1. | 9,620 ଟଙ୍କା | 2. 500 ଟଙ୍କା |
| 3. | 8% ; 1200 ଟଙ୍କା | 4. 15,000 ଟଙ୍କା |
| 5. | 10% | 6. 1,000 ଟଙ୍କା |

### ଆସ ନିଜେ ନିଜକୁ ପରଖିବା 40.4

| | | |
|---|---|---|
| 1. | (i) 493 ଟଙ୍କା | (ii) 282 ଟଙ୍କା |
| 2. | 61.50 ଟଙ୍କା | |

### ପାଠଶେଷ ଅଭ୍ୟାସ କାର୍ଯ୍ୟ

| | | |
|---|---|---|
| 1. | (i) 67,800 ଟଙ୍କା | (ii) 40,248 ଟଙ୍କା |
| 2. | 10,000 ଟଙ୍କା | |
| 3. | 225 ଟଙ୍କା (ନିକଟତମ ଟଙ୍କାରେ) | |
| 4. | (i) 580 ଟଙ୍କା | (ii) 1405 ଟଙ୍କା |

## କର ଛାଡ ଦ୍ରବ୍ୟ ଗୁଡିକର ତାଲିକା

- ହାତରେ ବା ପଶୁମାନଙ୍କ ଦ୍ୱାରା ସଂଚାଳିତ କୃଷି ଉପକରଣ
- ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଉପକରଣ ଏବଂ ସହାୟକ ବସ୍ତୁ
- ଜଳଚର ମାନଙ୍କର ଖାଦ୍ୟ, କୁକୁଡା ଖାଦ୍ୟ ଏବଂ ଗୋରୁ ମଇଁଷିମାନଙ୍କ ଖାଦ୍ୟ ଯଥା ଘାସ, ଶୁଖିଲା ଘାସ, ନଡା
- ପାନପତ୍ର
- ପୁସ୍ତକ, ପତ୍ରିକା, ସମ୍ବାଦପତ୍ର ଏବଂ ମାନଚିତ୍ର
- ଚରଖା, ଅମ୍ବର ଚରଖା, ହାତ ତିଆରି ଲୁଗା ଏବଂ ହାତ ତିଆରି କପଡା ଏବଂ ଗାନ୍ଧୀ ଟୋପି
- କାଠ ପୋଡ଼ା କୋଇଲା
- ଧାନ, ଚାଉଳ ଏବଂ ଗହମକୁ ଛାଡି ଅନ୍ୟ ଖାଦ୍ୟଶସ୍ୟ
- କଣ୍ଡୋମ ଏବଂ ଗର୍ଭ ନିରୋଧକ
- ସୂତା ଏବଂ ଜାଲ ବୁଣା ସିଲ୍କ ସୂତା
- ଲସୀ, ଦହି, କ୍ଷୀର
- ମାଟିପାତ୍ର
- ବିଜୁଳି ଶକ୍ତି
- ଜାଳେଣୀ କାଠ
- ମାଛଧରା ଜାଲ ଏବଂ ତାର ସୂତା
- ତାଜା କ୍ଷୀର ଏବଂ ପାଶ୍ଚରାଇଜଡ୍ କ୍ଷୀର
- ତାଜା ବୃକ୍ଷ, ଉଦ୍ଭିଦଚାରା, ତାଜାଫୁଲ
- ତାଜା ପନିପରିବା ଏବଂ ଫଳ
- ରସୁଣ ଏବଂ ଅଦା
- କାଚ ଚୁଡି
- ମନୁଷ୍ୟ ରକ୍ତ ଏବଂ ରକ୍ତ ପ୍ଲାଜମା
- ହାତ ତିଆରି ଦେଶୀ ସଙ୍ଗୀତ ବାଦ୍ୟଯନ୍ତ୍ର
- କୁଙ୍କୁମ, ବିନ୍ଦି, ଅଳତା, ସିନ୍ଦୁର
- ମାଂସ, ମାଛ, ପ୍ରନ୍ ଏବଂ ଅନ୍ୟ ଶୀତଳୀ କୃତ ହୋଇନଥିବା ଜଳଭାଗର ଉତ୍ପାଦ, ଅଣ୍ଡା ଏବଂ ପଶୁସମ୍ପଦ ଏବଂ ପଶୁର କେଶ
- ଜାତୀୟ ପତାକା
- ଜୈବସାର
- ସରକାରୀ ତହବିଲ୍‌ରେ ବିକ୍ରି ହେଉଥିବା ନନ୍ ଜୁଡିସିଆଲ୍ ଷ୍ଟାମ୍ପ ପେପର, ପୋଷ୍ଟ ଅଫିସ୍‌ରେ ମିଳୁଥିବା ଲଫାପା, ପୋଷ୍ଟ କାର୍ଡ ଇତ୍ୟାଦି, କାଗଜ ଟଙ୍କା (ନୋଟ୍), ଯେତେବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ବିକ୍ରି ହେବ ଏବଂ ଚେକ୍ ବହି
- ଅଶୋଧିତ ଉଲ୍
- ବୀର୍ଯ୍ୟ, ଶୀତଳୀକୃତ ବୀର୍ଯ୍ୟ





- ରେଶମ ପୋକ, ଖୋସା ଏବଂ ଅଶୋଧିତ ରେଶମ
- ସ୍ଲେଟ୍ ଏବଂ ସ୍ଲେଟ୍ ପେନ୍ସିଲ୍
- ପଇଡ
- ଖଜୁରୀ ରସ, ନୀରା ଏବଂ ଅର୍କ
- ଅଣମାନକ ପାଉଁରୁଟି
- ଅଶୋଧିତ ଏବଂ ଅଣମାନକ ଲୁଣ
- ଜଳ, ନିମ୍ନଲିଖିତକୁ ଛାଡି
  - (a) ବାଷ୍ପୀୟ, ମିନେରାଲ, ପାତିତ ଜଳ, ଔଷଧୀୟ, ବ୍ୟାଟେରୀ ପାଣି, ଡି-ମିନେରାଲାଇଜ୍ଡ ପାଣି
  - (b) ପାତ୍ରରେ ବନ୍ଦ ହୋଇ ବିକ୍ରି ହେଉଥିବା ପାଣି

**1% କର ଲାଗୁଥିବା ବସ୍ତୁ ଗୁଡିକର ତାଲିକା**

- ସୁନା ବା ରୂପା ଖଣ୍ଡ (Bullion)
- ସୁନା, ରୂପା ଏବଂ ଦାମିକା ଧାତୁ ଏବଂ ସୁନା, ରୂପା, ଅଧିକ ମୂଲ୍ୟର ଧାତୁ ନିର୍ମିତ ଅଳଙ୍କାର
- ଦାମୀ ପଥର ଏବଂ ଅର୍ଦ୍ଧଦାମୀ ପଥର

**4% କର ଲାଗୁଥିବା ବସ୍ତୁ ଗୁଡିକର ତାଲିକା**

- କୃଷି ଉପକରଣ ଯାହା ହାତରେ ବା ପଶୁମାନଙ୍କ ଦ୍ୱାରା ଚାଳିତ ହୁଏ ନାହିଁ
- ଦୂର ସଞ୍ଚାରର ସବୁ ଉପକରଣ ଯଥା ଘରୋଇ ଟେଲିଫୋନ୍ ଏକ୍ସଚେଞ୍ଜ (PBX) ଏବଂ ଇଲେଟ୍ରୋନିକ୍ସ ଘରୋଇ ଏକ୍ସଚେଞ୍ଜ (EPABX)
- କପିରାଇଟ୍, ପେଟେଣ୍ଟ, ଲାଇସେନ୍ସ ଇତ୍ୟାଦି
- ସବୁ ପ୍ରକାରର ଇଟା ଯଥା ପାଉଁଶରୁ ତିଆରି ଇଟା, ରିଫ୍ରାକ୍ଟରୀ ଇଟା, ମାଟି ଇଟା, ଆସଫାଲ୍‌ଟର୍‌ର ଛାତ ତିଆରି ଜିନିଷ, ମାଟି ତିଆରି ଟାଇଲି
- ସବୁ ପ୍ରକାରର ସୂତା, ସିଲ୍‌କ ଏବଂ ସିଲେଇ ସୂତାକୁ ଛାଡି
- ଆଲୁମିନିୟମ ଏବଂ ଏନାମେଲ୍ ତିଆରି ବାସନକୁସନ
- ସୁପାରୀ ଏବଂ ଗୁଆ
- ବାଉଁଶ
- ବିଅରିଙ୍ଗ
- ବିଡିପତ୍ର
- ବେଲ୍ଟିଂ
- ଦୁଇ ଚକିଆ ଓ ତିନି ଚକିଆ ସାଇକେଲ, ତିନି ଚକ ରିକ୍‌ସା, ଏହାର ଯନ୍ତ୍ରପାତି
- ବିଟୁମେନ୍ ବା ପିଚୁ
- ହାଡର ଚୂର୍ଣ୍ଣ
- ଉପଯୁକ୍ତ ବ୍ରାଣ୍ଡର ପାଉଁରୁଟି
- ଔଷଧ
- କାଷ୍ଟିଙ୍ଗ୍‌ସ
- ସେଣ୍ଟ୍ରିଫୁଗାଲ, ମୋନୋ ବ୍ଲକ୍ ଏବଂ ଜଳମଗ୍ନ ପମ୍ପ୍ ଏବଂ ଏହାର ଯନ୍ତ୍ରପାତି





- କଫିର ବୀଜ, କୋକୋଆ, ସବୁଜ ଚା' ପତ୍ର ଏବଂ ଚିକୋରି
- ରାସାୟନିକ ସାର, କୀଟନାଶକ, ଦଳନାଶକ
- ନଡିଆ କତା ତିଆରି ଜିନିଷ, ଗୋଡପୋଛା ଛାଡି
- ତୂଳା ଏବଂ ତୂଳାର ବର୍ଜ୍ୟବସ୍ତୁ
- ଧାତୁ ତରଳାଇବା ପାତ୍ର
- କେନ୍ଦ୍ରୀୟ ବିକ୍ରିକର ଆକ୍ଟ - 1956ର ଭାଗ –14 ରେ ଦିଆଯାଇଥିବା ବସ୍ତୁ
- ଖାଇବା ତେଲ, ତେଲର କେକ୍ ଏବଂ ବିନା ତେଲ କେକ୍
- ଇଲେକଟ୍ରୋଡ୍ସ
- ଖାତା, ଗ୍ରାଫ୍ ଖାତା, ଲାବୋରୋଟୋରୀ ଖାତା
- ଲୁହା ଧାତୁ, ଲୁହା ନଥିବା ଧାତୁ; ମିଶ୍ରଧାତୁ, ଆଲୁମିନିୟମ, କପର, ଜିଙ୍କ୍ ଭଳି ଅଣଧାତୁ
- ଫାଇବର ଏବଂ ଫାଇବରର ବର୍ଜ୍ୟବସ୍ତୁ
- ଅଟା, ମଇଦା, ବେସନ, ସୁଜି ଇତ୍ୟାଦି
- ଶୁଖିଲା ଚଣା
- ଖାଦ୍ୟ ଉପଯୋଗୀ ଗୁଡ
- ହାତ ପମ୍ପ ଏବଂ ଏହାର ଯନ୍ତ୍ରପାତି
- ଜଡିବୁଟି, ଶୁଖିଲା ଚେରମୂଳି ଓ ଶୁଖିଲା ଫୁଲ
- ହୋସପାଇପ୍
- ହୋସିଆରି (ଗେଞ୍ଜି ଓ ମୋଜା ତିଆରି) ବସ୍ତୁ
- ଖାଇବା ଭୂଷି ଏବଂ ଚୋକଡ
- ବରଫ
- ଅଗରବତୀ, ଧୂପବତୀ
- କଳକାରଖାନା କେବୁଲ (ELPE Cable)
- ସୂଚନା ପ୍ରଯୁକ୍ତି ବିଦ୍ୟାର ଉତ୍ପାଦ (କମ୍ପ୍ୟୁଟର, ଟେଲିଫୋନ, ଟେଲିପ୍ରିଣ୍ଟରର ଯନ୍ତ୍ରପାତି)
- ସାଧାରଣ ବଣ୍ଟନ ବ୍ୟବସ୍ଥା (PDS)ରେ ଦିଆଯାଉଥିବା କିରୋସିନି
- ପତ୍ରର କପ୍ ଏବଂ ପ୍ଲେଟ୍
- ମୁର୍ମୁରାଲୁ, ପିଲାଲୁ, ମୁଢ଼ି, ଚାଉଳ
- ନେୱାର୍
- ରଫ୍ ଚଟାଣ ପଥର (Napa Slabs)
- ଧାତୁପିଣ୍ଡ ଏବଂ ଖଣିଜ ପଦାର୍ଥ
- ଧାନ, ଚାଉଳ, ଗହମ ଏବଂ ଡାଲି ଜାତୀୟ ପଦାର୍ଥ
- କାଗଜ ଏବଂ ଖବରକାଗଜ ଛପା କାଗଜ

ଟିପ୍ପଣୀ

- ଜିଆଇ ପାଇପ, ପିଭିସି ପାଇପ୍ ଇତ୍ୟାଦି
- ପ୍ଲାଷ୍ଟିକ ଜୋତା ଚପଲ
- ଛପା ଜିନିଷ (ଡାଏରୀ, କ୍ୟାଲେଣ୍ଡର ଇତ୍ୟାଦି)
- ଛପା କାଳୀ (ଟୋନର ଏବଂ କାଟ୍ରିଜ୍‌କୁ ଛାଡି)
- ବିଶୋଧିତ ଏବଂ ଦାମୀ ଲୁଣ
- ବାଉଁଶ, କାଠ ଏବଂ କାଗଜର ପଲ୍ପ
- ରେଳଡବା ଇଞ୍ଜିନ, ୱାଗନ
- ରେଡିମେଡ୍ ପୋଷାକ ପତ୍ର
- ନବୀକରଣ ଯୋଗ୍ୟ ଶକ୍ତିର ଉପକରଣ ଏବଂ ଏହାର ଯନ୍ତ୍ରପାତି
- ଦିଆସିଲି
- ମଞ୍ଜି
- ସିଲେଇ ମେସିନ୍
- ଜାହାଜ ଏବଂ ଜଳରେ ଯାଉଥିବା ଅନ୍ୟ ଭାସମାନ ବସ୍ତୁ
- ସିଲ୍‌କ ସୂତାର କପଡା
- ଲହୁଣୀ ନଥିବା କ୍ଷୀର ପାଉଡର
- ଦ୍ରବଣକ୍ଷମ ତେଲ (ଜୈବ ଦ୍ରବଣକ୍ଷମ ତେଲକୁ ଛାଡି)
- ସବୁ ପ୍ରକାର ମସଲା (ଜିରା, ହଳଦୀ, ଶୁଖିଲା ଲଙ୍କା ମସଲା ଇତ୍ୟାଦି)
- ଖେଳ ଉପକରଣ (ଡ୍ରେସ ଏବଂ ଜୋତାକୁ ଛାଡି)
- ମଣ୍ଡ, ଶ୍ୱେତସାର
- ଚିନି ଏବଂ ଖଣ୍ଡସାରି
- ତେନ୍ତୁଳୀ
- ଟ୍ରାକ୍ଟର, ଥ୍ରେସର, ହାରଭେଷ୍ଟର ଏବଂ ଏହାର ଯନ୍ତ୍ରପାତି
- ସଞ୍ଚାରଣ ଟାୱାର
- ଛତା (ବଗିଚା ଛତାଛଡି)
- ବନସ୍ପତି
- ବନସ୍ପତି ତେଲ gingili oil ଓ bran oil ସହ
- ଲିଖନ ଯନ୍ତ୍ରପାତି

**20% କର ଲାଗୁଥିବା ବସ୍ତୁ ଗୁଡିକର ତାଲିକା**

- ସମସ୍ତ ପେଟ୍ରୋଲିୟମ ଉତ୍ପାଦ, ପ୍ରାକୃତିକ ପ୍ରେଟୋଲିୟମ ଗ୍ୟାସ ଓ କିରୋସିନ୍ ଛାଡି ତେଲ ଯଥା

  ନାଫଥା,

  ବିମାନ ଟରବାଇନ ଜାଳେଣୀ,

  ସ୍ପିରିଟ୍, ଗ୍ୟାସୋଲିନ୍, ଡିଜେଲ, ଫର୍ଣ୍ଣେସ ତେଲ, ଜୈବ ଦ୍ରାବକ, କୋଲ୍‌ଟାର, ମହମ, ଏସବୁର ମିଶ୍ରଣକୁ ଛାଡି ।





- ମଦ (ବିଦେଶୀ ଓ ଭାରତରେ ତିଆରି ବିଦେଶୀ ମଦ)
- ଦେଶୀ ମଦ
- ନିଦ୍ରାକାରୀ ଦ୍ରବ୍ୟ (ଯଥା ଭାଙ୍ଗ)
- ମୋଲାସେସ୍
- ରେକ୍ଟିଫାଏଡ୍ ସ୍ପିରିଟ୍
- ଲଟେରୀ ଟିକେଟ୍
- ବ୍ରେକ ତେଲ
- ଷ୍ଟାର ହୋଟେଲରେ ଦିଆଯାଉଥିବା ଖାଦ୍ୟ